CMYK

- Vol.- 45, Issue No. 102
- Saturday, 12 July 2025
- ଶନିବାର, ୧୨ ଜୁଲାଇ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଓଡ଼ିଶାରେ ରାହୁଲଙ୍କ ରଣହୁଙ୍କାର



- ଦୁଇ ବର୍ଗରେ ଚାଲିଛି ଲଢ଼େଇ
- ସରକାରକୁ ଆସିଲେ ଜାତି ଜନଗଣନା ବଡ଼ କାମ
- ୪୦ ହଜାରରୁ ଅଧିକ ମହିଳା ଗାଏବ
- ବିଜେପି ସମ୍ବିଧାନ ଉପରେ ଆକ୍ରମଣ କରୁଛି
- କେନ୍ଦ୍ର ଓ ରାଜ୍ୟ ଉପରେ ବର୍ଷିଲେ
- ଡ୍ରାଇଭର ମହାସଂଘକୁ ଦେଲେ ଧନ୍ୟବାଦ
- କର୍ମୀଙ୍କୁ ଦେଲେ ଗୁରୁମନ୍ତ୍ର: ସଂଗଠନ ବଢ଼ାଅ, ଏକଜୁଟ ହୁଅ
- ମଲିକାର୍ଜୁନଙ୍କ ନିଶାଣରେ ମୋଦି

ଭୁବନେଶ୍ୱର, ୧୧।୭: ସ୍ଥାନୀୟ ବରମୁଣ୍ଡାଠାରେ ଶୁକ୍ରବାର ମଧ୍ୟାହ୍ନରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମ୍ବୋଧିତ କରିଛନ୍ତି । ସମାବେଶରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିରୋଧ ପୂର୍ବକ ତୀବ୍ର ଆକ୍ରମଣ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ରଥଯାତ୍ରା ଅଘଟଣକୁ ନେଇ ସରକାର ଆଦାନୀ ଭଳି ଉଦ୍ୟୋଗପତିଙ୍କ ସ୍ୱାର୍ଥ ପାଇଁ କାମ କରୁଛନ୍ତି। ରଥଯାତ୍ରା ସମୟରେ ଆଦାନୀଙ୍କ ପାଇଁ ରଥକୁ ରୋକାଯାଇଛି। ଓଡ଼ିଶାରେ ୪୦ ହଜାରରୁ ଅଧିକ ମହିଳା ଗାଏବ ହୋଇଥିବା ଅଭିଯୋଗ କରି କହିଛନ୍ତି, ଏମାନେ କୁଆଡ଼େ ଗଲେ, କେହି ଜାଣିନାହାନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିହାର ଓ ମହାରାଷ୍ଟ୍ରରେ ନିର୍ବାଚନ ଚୋରି କରିବାର ଉଦ୍ୟମ ଚାଲିଛି। ସେ ପ୍ରଶ୍ନ ଉଠାଇଛନ୍ତି, ମହାରାଷ୍ଟ୍ରରେ ୧ ଲକ୍ଷ ନୂଆ ଭୋଟର କେଉଁଠୁ ଆସିଲେ ? ବିହାରରେ ମଧ ନିର୍ବାଚନ ଚୋରି କରାଯାଉଛି ।ଆଦିବାସୀଙ୍କ ଅଧିକାର ଉପରେ ଗୁରୁତ୍ୱ ଦେଇ ରାହୁଲ କହିଛନ୍ତି, ଜଳ, ଜଙ୍ଗଲ, ଜମି ଆଦିବାସୀଙ୍କର ଅଛି ଓ ରହିବ। କିନ୍ତୁ ଏଠାରେ ବିନା ପଚାରି ଆଦିବାସୀଙ୍କୁ ଜମିରୁ ହଟାଯାଉଛି। 'ପେସା' ଆଇନ ଲାଗୁ ହେଉନାହିଁ, କିନ୍ତୁ ଆମେ ଏହାକୁ ଲାଗୁ କରିବୁ। ସେ ମୋଦିଙ୍କ ଫସଲ ବୀମା ଯୋଜନାକୁ ମଧ ନିଶାଣ କରିଛନ୍ତି । ରାହୁଲ କହିଛନ୍ତି, ଓଡ଼ିଶାରେ ଦୁଇ ବର୍ଗ ମଧରେ ଲଢେଇ ଚାଲିଛି । ଗୋଟେ ପଟେ ଦଳିତ, ଆଦିବାସୀ, ପଛୁଆ ବର୍ଗ ଅନ୍ୟ ପଟେ କିଛି ଅରବପତି । ଏହି ଲଢେଇ ଏହି ଲଢେଇକୁ କଂଗ୍ରେସ କାର୍ଯ୍ୟକର୍ତ୍ତା ହିଁ ଜିତି ପାରିବେ। ଯେଉଁମାନଙ୍କ ଡିଏନଏରେ କଂଗ୍ରେସ ରହିଛି, ସେମାନେ ଓଡ଼ିଶାର ଜନତାଙ୍କ ରକ୍ଷା କରୁଛନ୍ତି । ବିଜେପି ପୂରା ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି । ଚାକିରି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ରାହୁଲ ପଚାରିଛନ୍ତି, ଆଜି ପର୍ଯ୍ୟନ୍ତ କେତେ ଚାକିରି ମିଳିଲା। କେତେ ଲୋକଙ୍କୁ ରୋଜଗାର ଦେଇଛନ୍ତି ସରକାର ? ଆପଣଙ୍କୁ ଧନ ସମ୍ପତ୍ତି ନେଉଛନ୍ତି ସରକାର । ମହିଳାଙ୍କ ପ୍ରତି ବଢୁଥିବା ଅପରାଧକୁ ନେଇ ରାହୁଲ ଅଭିଯୋଗ କରିଛନ୍ତି ଯେ 'ଓଡ଼ିଶାରେ ୪୦ ହଜାର ମହିଳା ନିଖୋଜ । ଓଡ଼ିଶାରେ ଆଜି ବି ଦଳିତ, ପଛୁଆ ଲୋକଙ୍କୁ ସରକାରଙ୍କୁ କୌଣସି ସ୍ଥାନରେ ଜାଗା ମିଳୁନି। ଓଡ଼ିଶାରେ ଜାତି ଗଣନା ବଡ଼ କାମ । କଂଗ୍ରେସ ସରକାରକୁ ଆସିଲେ ଓଡିଶାରେ ଜାତି ଗଣନା ସବୁଠୁ ବଡକାମ । ଏଥିରୁ ଲୋକେ ନିଜ ଶକ୍ତି ବିଷୟରେ ଜାଣିପାରିବେ । ରାଜ୍ୟରେ ୩ ଦିନ ହେଲା ଜାରି ରହିଥିଲା ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ ପ୍ରସଙ୍ଗ ଉଠାଇ ରାହୁଲ କହିଛନ୍ତି, ସେମାନେ ଆମକୁ ସମର୍ଥନ କଲେ ଏଥିପାଇଁ ଧନ୍ୟବାଦ ଜଣାଉଛି । ସରକାର ସେମାନଙ୍କ ଦାବି ଶୁଣନ୍ତୁ । କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରି ସେ କହିଥିଲେ ପ୍ରତ୍ୟେକ କଂଗ୍ରେସ କର୍ମୀ ବାଘ । ଗାନ୍ଧିଜୀଙ୍କ ବିଚାରଧାରାରେ ଆଗକୁ ବଢନ୍ତୁ । ସଂଗଠନ ବଢ଼ାଅ, ଏକଜୁଟ ହୁଅ ।ଯେଉଁମାନେ ଅତ୍ୟାଚାରିତ ସେମାନଙ୍କ ସହ ଛିଡା ହୋଇଛି କଂଗ୍ରେସ । ସେହିପରି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କ ଭାଷଣରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି । ସେ କହିଛନ୍ତି, ଦେଶରେ ମୋଟ ୧୬୦ଟି କେନ୍ଦ୍ରୀୟ ସଂସ୍ଥା କଂଗ୍ରେସ ଗଠନ କରିଛି, କିନ୍ତୁ ସେଥିମଧ୍ୟରୁ ୨୩ଟିକୁ କେନ୍ଦ୍ର ସରକାର ବିକ୍ରି କରିଛନ୍ତି ।

## ଆଜି ୧୬ତମ ରୋଜଗାର ମେଳା

# ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ଦେବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୧।୭(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨ ଜୁଲାଇ ସକାଳ ୧୧ଟା ରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନିଯୁକ୍ତି ପାଇଥିବା ନବନିଯୁକ୍ତ ଯୁବପିଢ଼ିଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିବେ। ଏହି ଅବସରରେ ସେ ନବନିଯୁକ୍ତମାନଙ୍କୁ ସମ୍ବୋଧନ ମଧ କରିବେ। ରୋଜଗାର ମେଳା , ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ଅଗ୍ରାଧିକାର ପ୍ରଦାନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତିକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଯୁବପିଢ଼ିଙ୍କୁ ଏକ ସାର୍ଥକ ଅବସର ପ୍ରଦାନ କରି ସେମାନଙ୍କ ସଶକ୍ତିକରଣ ଓ ରାଷ୍ଟ୍ର ନିର୍ମାଣରେ ଅଂଶଗ୍ରହଣ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବାରେ ରୋଜଗାର ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସମଗ୍ର ଦେଶରେ ଏପର୍ଯ୍ୟନ୍ତ ୧୦ ଲକ୍ଷ ଠାରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଆୟୋଜିତ ହେବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଗୁଡିକରେ ଏହି ନିଯୁକ୍ତି କରାଯାଉଛି। ଦେଶର ବିଭିନ୍ନ ସ୍ଥାନରୁ ମନୋନୀତ ନବନିଯୁକ୍ତମାନେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଶ୍ରମ ଓ କର୍ମନିଯୁକ୍ତି ମନ୍ତ୍ରଣାଳୟ ସହିତ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ଯୋଗ ଦେବେ।ପୂର୍ବତଟ ରେଳବାଇ ଦ୍ୱାରା ଆୟୋଜିତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ୧୬ତମ ରୋଜଗାର ମେଳାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ। ପୂର୍ବତଟ ରେଳବାଇର ବିଶାଖାପାଟଣା ଏବଂ ସମ୍ବଲପୁର ଡିଭିଜନରେ ମଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଦିଲ୍ଲୀରେ ମୋହନ, ମନମୋହନ

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ବଢ଼ିଲା



ଭୁବନେଶ୍ୱର/ନୂଆଦିଲ୍ଲୀ, ୧୧।୭: ଦିଲ୍ଲୀରେ ଓଡ଼ିଶା ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଫାଇଲ୍ ସଂପର୍କରେ ହେବ ଚର୍ଚ୍ଚା । ଏଥିଲାଗି ଏବେ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅଛନ୍ତି, ଏପରି ଆଲୋଚନା ଚାଲିଛି । ଅନୁମାନ କରାଯାଉଛି ସଂଗଠନ ଓ ସରକାର ଭିତରେ ସମନ୍ୱୟ ରକ୍ଷା ପାଇଁ ଦିଲ୍ଲୀ ନେତୃତ୍ୱ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଚତୁର୍ଥ ଥର ପାଇଁ ରାଜ୍ୟ ବିଜେପି ସଭାପତି ଦାୟିତ୍ୱ ନେବା ପରେ ପ୍ରଥମ ଥର ଦିଲ୍ଲୀ ଅଭିମୁଖେ ଯାଇଛନ୍ତି ମନମୋହନ ସାମଲ । ଦୁଇ ନେତାଙ୍କ ଦିଲ୍ଲୀ ଗସ୍ତ, ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାକୁ ଖୋରାକ ଯୋଗାଇଛି ।

## କଙ୍ଗାରୁ କୋର୍ଟରେ ଶାସ୍ତି !

# ପ୍ରେମୀ ଯୁଗଳଙ୍କୁ ହଳ ବୁଲାଇଲେ ଲୋକେ

ରାୟଗଡା ୧୧।୭(ନି ପ୍ର): ଏବେ ବି ଅଦ୍ଭୁତ ପରମ୍ପରା ଓ କୁପ୍ରଥା ଆମ ରାଜ୍ୟରେ ବଳବତ୍ତର । ଗୋଟିଏ ବଂଶର ହୋଇଥିବାରୁ ଏକ ପ୍ରେମୀ ଯୁଗଳଙ୍କୁ ବଳଦ ବଦଳରେ ଜୁଆଳିରେ ଉଭୟଙ୍କୁ ଯୋଚା ଯାଇଥିଲା ଓ ବିଲରେ ହଳ ବୁଲାଯାଇଥିଲା। ସ୍ଥାନୀୟ ଏକ କଙ୍ଗାରୁ କୋର୍ଟରେ ଏପରି ଦଣ୍ଡ ବିଧାନ ସାଧାରଣରେ ଚର୍ଚ୍ଚା ଓ ଆଲୋଡନ ସୃଷ୍ଟି କରିଛି । ସଦ୍ୟ ଘଟଣାରେ ଏକ ପ୍ରେମୀ ଯୁଗଳ ଗୋଟିଏ ବଂଶର ହୋଇଥିବାରୁ ଭାରି ପଡିଲା ପ୍ରେମ। ଉଭୟଙ୍କୁ



ବିଲରେ ହଳ କରାଇବା ପରେ ଗ୍ରାମରୁ ବିତାଡିତ କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି, ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସ୍ଥିତ କଂଜାମଯୋଡି ଗ୍ରାମରେ। ପ୍ରେମୀ ଯୁଗଳଙ୍କୁ ଗ୍ରାମଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଇବା ପରେ ବଳଦ ବଦଳରେ ଏହି ପ୍ରେମୀ ପୁରୁଷମହିଳାଙ୍କ କାନ୍ଧରେ ଜୁଆଳି ପକେଇ ବିଲରେ ଚାଷ କାର୍ଯ୍ୟ କରିବା ପାଇଁ କୁହାଯାଇଥିଲା। ସେମାନଙ୍କୁ ହଳ କରିବାକୁ ଧମକ ଦିଆଯାଇଥିଲା ଏବଂ ପରେ ଗ୍ରାମ କୁଟୁମ୍ବଙ୍କ ନିଷ୍ପତ୍ତି ଅନୁସାରେ ଉକ୍ତ ପ୍ରେମୀ ଯୁଗଳଙ୍କୁ ଗ୍ରାମରୁ ତଡ଼ି ଦିଆଯାଇଛି। ଏମାନଙ୍କର ଅପରାଧ ହେଲାଯେ, ଏମାନେ ଗୋଟିଏ ବଂଶର ଏବଂ ସଂପର୍କରେ ପିଉସୀ -ପୁତୁରା ଯାହାକି ଗୋଟିଏ ରକ୍ତର ସମ୍ପର୍କ। କଂଜାମଯୋଡି ଗ୍ରାମର ଲାକ ସାରାକା ଏବଂ କୋଡିଆ ସାରାକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା, ଗାଁ ଲୋକେ ଦିନେ ଉଭୟଙ୍କୁ ଏକତ୍ର ଥିବାଦେଖି ଗାଁରେ କୁଟୁମ୍ବ ବୈଠକ ଆୟୋଜନ କରି ଏହି ଦଣ୍ଡ ବିଧାନ କରିଥିଲେ।

## ସାଦା ପୋଷାକରେ ଚଢ଼ାଉ ହେଲା ମହଙ୍ଗା

# ଗଞ୍ଜେଇ ମାଫିଆକୁ ଧରିବାକୁ ଆସି ପୋଲିସ ମାଡ଼ ଖାଇଲେ

ଭବାନୀପାଟଣା/ଫୁଲବାଣୀ, ୧୧।୭: ଗଞ୍ଜେଇ ମାଫିଆକୁ ଧରିବାକୁ ଆସି ପୋଲିସ କନ୍ଧମାଳ ଜିଲ୍ଲାରେ ହଟହଟା ହୋଇଥିବା ଦେଖିବାକୁ ମିଳିଛି । ସାଦା ପୋଷାକରେ ଚଢ଼ାଉ କରିବା ମହଙ୍ଗା ପଡ଼ିଛି। ପୋଲିସକୁ ଚୋର ସନ୍ଦେହରେ ନିସ୍ତୁକ ପିଟିଛନ୍ତି ଗାଁ ଲୋକେ । କନ୍ଧମାଳ



ଜିଲ୍ଲା କୁର୍ତ୍ତମଗଡ଼ ଟୋଲଗେଟ ନିକଟରେ କଳାହାଣ୍ଡି ପୋଲିସର ଦୁଇ କର୍ମଚାରୀ ଓ ଜଣେ ଡ୍ରାଇଭରଙ୍କୁ ଅପହରଣକାରୀ ସନ୍ଦେହରେ ସ୍ଥାନୀୟ କିଛି ଲୋକ ନିସ୍ତୁକ ମାଡ଼ ମାରିଥିଲେ, ଯାହା ଚର୍ଚ୍ଚାର ବିଷୟ ହୋଇଛି । ତୁମୁଡ଼ିବନ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଦୁଇ ପୋଲିସ କର୍ମଚାରୀ ଓ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ପରମପାଙ୍ଗା ପଞ୍ଚାୟତର ଡୁଙ୍ଗେରୀ ଗାଁର ଜଣେ ଯୁବକକୁ ଗିରଫ କରିବା ପାଇଁ କଳାହାଣ୍ଡି ପୋଲିସ ସେଠାକୁ ଯାଇଥିଲା । ତେବେ ପୋଲିସ କବଳରୁ ଯୁବକ ଜଣକ ଖସି ଦୌଡ଼ି ପଳେଇବା ସହ ବନ୍ଧୁକ ଦେଖାଇ କିଛି ନକଲି ପୋଲିସ ଅପହରଣ କରିବାକୁ ଗୋଡାଉଥିବା ସ୍ଥାନୀୟ ବାସିନ୍ଦାଙ୍କୁ ଜଣାଇଥିଲା । ଯାହାକୁ ନେଇ ଗ୍ରାମବାସୀ କଳାହାଣ୍ଡି ପୋଲିସକୁ ଗୋଡ଼ାଇବା ପରେ ଡୁଙ୍ଗେରୀ ଗାଁରୁ କଳାହାଣ୍ଡି ପୋଲିସ ଖସି ଆସିଥିଲା । କିନ୍ତୁ କୁର୍ତ୍ତମଗଡ଼ ଟୋଲଗେଟ ନିକଟରେ ପୁଣି ସ୍ଥାନୀୟ ବାସିନ୍ଦାମାନେ କାରକୁ ଅଟକାଇ ପୋଲିସ ଓ ଡ୍ରାଇଭରକୁ ମାଡ଼ ମାରିଥିଲେ । ତୁମୁଡିବନ୍ଧ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଗ୍ରାମବାସୀଙ୍କଠାରୁ ଉଦ୍ଧାର କରିଥିଲା ।

# ସବୁ ଘରୋଇ ବସ ଗଡ଼ିବ ଆଜିଠୁ

## ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଅନୁରୋଧ କଲେ ମନ୍ତ୍ରୀ

ଭୁବନେଶ୍ୱର, ୧୧।୭: ରାଜ୍ୟ ଘରୋଇ ବସ ମାଲିକ ସଂଘ ଘୋଷଣା କରିଛି ଯେ ଶନିବାରଠାରୁ ସାରା ରାଜ୍ୟରେ ସବୁ ଘରୋଇ ବସ ଗଡ଼ିବ। ପୁରୀରେ ଚାଲିଥିବା ଘରୋଇ ବସ୍ ମାଲିକ ସଂଘରେ ବସ୍ ଚାଲିବା ନେଇ ନିଷ୍ପତ୍ତି ନିଆଯାଇଛି । ଏନେଇ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛି ଘରୋଇ ବସ୍ ମାଲିକ ସଂଘ । ଡ୍ରାଇଭର ସଂଘର ଆନ୍ଦୋଳନ ଜାରି ରହିଥିବା ବେଳେ ବସ୍‌କୁ ସୁରକ୍ଷା ଯୋଗାଇବେ ରାଜ୍ୟ ସରକାର । ଏନେଇ ଘରୋଇ ବସ୍ ମାଲିକ ସଂଘର ସଭାପତି ଲୋକନାଥ ପାଣି ଓ ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ରାଜ୍ୟର ୭୦ଟି ବସ୍ ମାଲିକ ସଂଘ ନିଷ୍ପତ୍ତି ମାନିବେ । ସରକାରଙ୍କ ଆଲୋଚନା ସଫଳ ହୋଇଥିବା କୁହାଯାଉଛି । ହେଲେ ସରକାର ଲେଖିକି ଦେଉନାହାନ୍ତି କାହିଁକି ? ଏହା ଭିତରେ କି ରହସ୍ୟ ଅଛି ଓଡ଼ିଶାବାସୀ ଜାଣିବା ଦରକାର ବୋଲି ସଂଘ ସାମ୍ବାଦିକ ସମ୍ମିଳନୀ କରି କହିଛି । ଅନ୍ୟପକ୍ଷେ ଡ୍ରାଇଭର ମହାସଂଘ ଧର୍ମଘଟକୁ ଆଉ ସମର୍ଥନ ଜଣାଇବେ ନାହିଁ କଟକ ଘରୋଇ ବସ୍ ମାଲିକ ସଂଘ । ଧର୍ମଘଟର ସମାଧାନ ହେଉନଥିବାରୁ ବସ୍ ଚଳାଚଳ ବନ୍ଦ ରହିଥିବାରୁ ମାଲିକ କ୍ଷତି ସହୁଛନ୍ତି । ଯାତ୍ରୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିବାରୁ ଏହାକୁ ବସ୍ ମାଲିକ ସଂଘ ଦୃଷ୍ଟିକୁ ନେଇଛି। ତେଣୁ ଶନିବାରଠାରୁ ଘରୋଇ ବସ୍ ଚଳାଚଳ ଆରମ୍ଭ କରିବାକୁ ସଂଘ ନିଷ୍ପତ୍ତି ନେଇଛି । ଡ୍ରାଇଭର ସଂଘକୁ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା । ସେ କହିଛନ୍ତି ନିରୀହ ଡ୍ରାଇଭରମାନଙ୍କୁ ଭ୍ରମିତ କରି କଂଗ୍ରେସ ଏସବୁ କରୁଛି । କାହା କଥାରେ ପଡି ପଥଭ୍ରଷ୍ଟ ନ ହେବା ପାଇଁ ଡ୍ରାଇଭରଙ୍କୁ ଅନୁରୋଧ କରିଛନ୍ତି ମନ୍ତ୍ରୀ ।



## ଡ୍ରାଇଭର ମହାସଂଘର ଆନ୍ଦୋଳନ ଚତୁର୍ଥ ଦିନରେ, ସଂଘ ଦୁଇଫାଳ ହୋଇଥିବା ଚର୍ଚ୍ଚା

ଭୁବନେଶ୍ୱର, ୧୧।୭: ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି । ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି । କେବଳ ଘରୋଇ ଯାନ ଓ ଅତ୍ୟାବଶ୍ୟକ ସେବା ଆଧାରିତ ଯାନ ଚଳାଚଳ କରୁଛି । ଅପରପକ୍ଷେ ସରକାର ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନରୁ ଓହରିବୁ ବୋଲି ଜିଦ୍‌ରେ ଅଟଳ ଅଛନ୍ତି ଡ୍ରାଇଭରମାନେ। ସମ୍ବଲପୁର-ଜୟପୁର-କେନ୍ଦ୍ରାପଡ଼ା-ଯାଜପୁର ସମେତ ସାରା ରାଜ୍ୟରେ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁଁ ପରିବହନ ବ୍ୟବସ୍ଥାରେ ବାଧା ସୃଷ୍ଟି ହୋଇଛି । ବସଷ୍ଟାଣ୍ଡରେ ବସ୍, ରାସ୍ତା କଡରେ ଟ୍ରକ ଓ ଅନ୍ୟାନ୍ୟ ଗାଡ଼ି ଛିଡ଼ା ହୋଇ ରହିଛି । କେବଳ ଜରୁରୀକାଳୀନ ଓ ଘରୋଇ ଗାଡ଼ିକୁ ଛାଡି ଦେଲେ ଆଉ କୌଣସି ଗାଡି ଗଡୁନାହିଁ । ବସ ଚାଲୁନଥିବାରୁ ଦୂରଦୁରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀ ଦହଗଂଜ ହେବା ସାର ହୋଇଛି । ଏପରିକି କିଛି ଯାତ୍ରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସି ଘରକୁ ଫେରି ପାରୁନାହାନ୍ତି । ହେଲପର ମଧ ହିନସ୍ତା ହେଉଛନ୍ତି। ଏହା ଭିତରେ ଡ୍ରାଇଭର ସଂଘ ଦୁଇଫାଳ ହୋଇଥିବା କୁହାଯାଇଛି। କିଛି ଡ୍ରାଇଭର ଆନ୍ଦୋଳନକୁ ନ ମାନି ଗାଡି ଚଳାଉଛନ୍ତି।

# କଟକ-ନିର୍ଗୁଣ୍ଡି ରେଳ ଲାଇନ, ଫ୍ଲାଏଓଭରକୁ ମଞ୍ଜୁରି

## ପରିଚାଳନା କ୍ଷମତା ଏବଂ ଦକ୍ଷତାର ହେବ ବୃଦ୍ଧି




ଭୁବନେଶ୍ୱର, ୧୧।୭: ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ ନିମନ୍ତେ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨.୯ କୋଟି ମୂଲ୍ୟରେ ୧୫.୯୯ କିଲୋମିଟର କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁରି ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତା ବୃଦ୍ଧି କରିବା। କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କର ଏକ ପ୍ରମୁଖ ଅଂଶ ହୋଇଥିବା ବେଳେ ପାରାଦ୍ୱୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ହେଉଛି। ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନ ଥିବାରୁ, ଅନେକ ଟ୍ରେନ ବିଳମ୍ବର ସମ୍ମୁଖୀନ ହେଉଛି। ଚତୁର୍ଥ ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ ମାର୍ଗଗୁଡ଼ିକରୁ ପାରାଦ୍ୱୀପ ବନ୍ଦର ଯାଉଥିବା ଟ୍ରାଫିକକୁ ଅଲଗା କରି କରିଡରକୁ ଭିଡ଼ କମ କରିବା ପାଇଁ କଟକ ଏବଂ ଢେଙ୍କାନାଳ ମଧ୍ୟରେ ଡିଜାଇନ୍ କରାଯାଇଛି। ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକ ହ୍ରାସ କରିବାରେ ସାହାଯ୍ୟ କରିବ। ଅନ୍ୟପକ୍ଷରେ ବର୍ତ୍ତମାନ ନିର୍ଗୁଣ୍ଡି ଠାରେ ମେଲ ଏକ୍ସପ୍ରେସରେ କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ କେତେକ ସମୟରେ ପ୍ରତିବନ୍ଧକ ଯୋଗୁଁ ଅଟକ ରଖାଯାଏ। ଏହି ପ୍ରକଳ୍ପ କଟକଣାକୁ କମ କରିବ ଏବଂ ସେକ୍ସନରେ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତିତାକୁ ଉନ୍ନତ କରିବାରେ ଏବଂ ଅଧିକ କୋଚିଂ ଟ୍ରେନଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଦ୍ୱାରା କୋଚିଂ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ଅଲଗା କରିବାରେ ମଧ ସାହାଯ୍ୟ କରିବ ଏବଂ ମୁଖ୍ୟପଥ ବାଇପାସ୍ କରିବା ସମୟରେ ଟ୍ରେନଗୁଡ଼ିକ ବିଳମ୍ବ ହେବ ନାହିଁ। ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ ନିର୍ମାଣ କରାଯିବ। ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ୧୩୦ କିଲୋମିଟର ପ୍ରତି ଘଣ୍ଟା ବେଗ ସହିତ ୨ ଗୁଣନ ୨୫ କିଲୋ ଭୋଲ୍ଟ ବିଦ୍ୟୁତୀକରଣ ସିଷ୍ଟମ ସହିତ ଡିଜାଇନ୍ କରାଯାଇଛି।

# ଇନସୁଲେଟରରେ ତ୍ରୁଟି: ଚାଲିଛି ମରାମତି

ବାରଙ୍ଗ, ୧୧।୭ : ମୁଣ୍ଡଳୀ ସ୍ଥିତ ମହାନଦୀ ଉପରେ ୪୦୦ କେଭି ବିଦ୍ୟୁତ୍ ଲାଇନରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଏନଡିଆରଏଫ ସହଯୋଗରେ ଗଭୀର ପାଣିରେ ପଶି ପିଜିସିଆଇଏଲ କର୍ମଚାରୀ ମରାମତି କରୁଛନ୍ତି । ବାରିପଦାରୁ ଭୁବନେଶ୍ୱର ଆସିଥିବା ୪୦୦ କେଭି ବିଦ୍ୟୁତ ଲାଇନରେ ମୁଣ୍ଡଳୀ ଠାରେ ମହାନଦୀ ଭିତରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଖୁଣ୍ଟରେ ଲାଗିଥିବା ଲାଇନ ଇନସୁଲେଟରରେ ତ୍ରୁଟି ଦେଖା ଦେଇଥିଲା ।ଗତକାଲି ଏହାର ସୂଚନା ପାଇଥିଲେ ପାୱାର ଗ୍ରୀଡ୍ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ଼ (ପିଜିସିଆଇଏଲ) ଅଧିକାରୀ । ଗତକାଲି ରାତି ହୋଇଯାଇଥିବାରୁ ଏହାକୁ ମରାମତି କରାଯାଇ ପାରିନଥିଲା । ବର୍ତ୍ତମାନ ମହାନଦୀରେ ଜଳସ୍ତର ଅଧିକ ରହିଥିବାରୁ ବିଭାଗ ପକ୍ଷରୁ ଏନଡିଆରଏଫକୁ ସୂଚନା ଦିଆଯାଇଥିଲା । ସକାଳୁ ଏନଡିଆରଏଫର ଏକ ଟିମ୍ ସହାୟତାରେ ବିଦ୍ୟୁତ କର୍ମଚାରୀମାନେ ମହାନଦୀର ଗଭୀର ଜଳାଶୟ ମଧ୍ୟକୁ ଯାଇ ପ୍ରଭାବିତ ହୋଇଥିବା ବିଦ୍ୟୁତ ଖୁଣ୍ଟରେ ମରାମତି ଜାରି ରଖିଛନ୍ତି । ଏନଡିଆରଏଫ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ଉପକରଣ ସହ ସେଠାରେ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

CMYK



# ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ

**ପ୍ରକୃତି ହିଁ ସମସ୍ତଙ୍କ ମୂଳ ଆଧାର, ତେବେ ମନୁଷ୍ୟ, ପଶୁ, ପକ୍ଷୀ, ଗଛ ସମସ୍ତ ପଞ୍ଚଭୂତର ଏକତା ମଧ୍ୟରୁ ଜନ୍ମିଥିବା ପ୍ରତିଫଳ। ତେବେ ଏହି ପ୍ରଶ୍ନ ଉଠୁଛି – ଆମେ କିଏ ? ଏବଂ ଆମେ କାହିଁକି ଅନ୍ୟ ପ୍ରାଣୀଙ୍କୁ ଅଲଗା ଭାବେ ଦେଖୁଛୁ ? ଆଜି ଆମେ ଆଲୋଚନା କରିବା ପୃଥିବୀର ସବୁଠାରୁ ଉପକାରୀ ପ୍ରାଣୀ ଓ ସନାତନ ଧର୍ମର ପବିତ୍ର ଓ ଦେବ ପ୍ରାଣୀ ଗୋମାତାଙ୍କ ବିଷୟରେ।**

## ପ୍ରକୃତି ବ୍ରହ୍ମାଣ୍ଡର ମୂଳ ଆଧାର

ପ୍ରାଚୀନ ଭାରତୀୟ ଦାର୍ଶନିକତା ଅନୁସାରେ, ପ୍ରକୃତି କେବଳ ଏକ ଭୌତିକ ସତ୍ତା ନୁହେଁ, ବରଂ ଏହା ଜୀବନ ଓ ବ୍ରହ୍ମାଣ୍ଡର ମୂଳ ଆଧାର। ପଞ୍ଚ ଭୂତ – ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ – ଏହି ପାଞ୍ଚ ତତ୍ତ୍ୱ ମାନବ ଶରୀର, ବୃହତ୍ତର ପ୍ରକୃତି ଓ ସମଗ୍ର ବ୍ରହ୍ମାଣ୍ଡର ଗଠନର ଆଧାର। ପୃଥିବୀ ଦେଉଛି ଭୂମିକ ଆଧାର, ଜଳ ଜୀବନ ଧାରଣ କରେ, ଅଗ୍ନି ଶକ୍ତି ଓ ପରିଣତିର ସୂଚକ, ବାୟୁ ହେଉଛି ଗତିର ଶ୍ୱାସ, ଓ ଆକାଶ ଅଟଳ ଶୂନ୍ୟର



ଚିହ୍ନ। ଯଦି ପ୍ରକୃତି ହିଁ ସମସ୍ତଙ୍କ ମୂଳ ଆଧାର, ତେବେ ମନୁଷ୍ୟ, ପଶୁ, ପକ୍ଷୀ, ଗଛ ସମସ୍ତ ପଞ୍ଚଭୂତର ଏକତା ମଧ୍ୟରୁ ଜନ୍ମିଥିବା ପ୍ରତିଫଳ। ତେବେ ଏହି ପ୍ରଶ୍ନ ଉଠୁଛି – ଆମେ କିଏ ? ଏବଂ ଆମେ କାହିଁକି ଅନ୍ୟ ପ୍ରାଣୀଙ୍କୁ ଅଲଗା ଭାବେ ଦେଖୁଛୁ ? ଆଜି ଆମେ ଆଲୋଚନା କରିବା ପୃଥିବୀର ସବୁଠାରୁ ଉପକାରୀ ପ୍ରାଣୀ ଓ ସନାତନ ଧର୍ମର ପବିତ୍ର ଓ ଦେବ ପ୍ରାଣୀ ଗୋମାତାଙ୍କ ବିଷୟରେ।



## ଗୋ' ଶବ୍ଦର ଅନେକ ଅର୍ଥ

ଗୋ' ଶବ୍ଦର ଅନେକ ଅର୍ଥ ଅଛି । ଯଥା- ଗୋବଂଶ, ପୃଥିବୀ, ଦିଗ,ବାଣୀ, ଇନ୍ଦ୍ରିୟ, ଦୃଷ୍ଟି, କିରଣ, ଜଳ, ଚନ୍ଦ୍ର ଓ ଆହୁରି ଅନେକ । ସୃଷ୍ଟିର ସବୁଠାରୁ ଉପକାରୀ ପ୍ରାଣୀ ଗୋମାତା । ଦ୍ୱାପର ଯୁଗରେ ସ୍ୱୟଂ ଭଗବାନ୍ କୃଷ୍ଣ ଗୋପାଳ ଭାବରେ ଅବତାର ନେଇ ଗୋ-ମହିମାକୁ ପ୍ରଚାର କରିଛନ୍ତି । ଭାରତୀୟ ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ଉପାସନାର ବର୍ଣ୍ଣନା ଅନେକ । ବୈଦିକ କାଳରୁ ଋଷି, ମୁନିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସଭିଏଁ ନିଜର ଭରଣ ପୋଷଣ ନିମନ୍ତେ ମୁଖ୍ୟତଃ କୃଷି ଓ ଗୋ-ପାଳନ ଉପରେ ନିର୍ଭର କରୁଥିଲେ । ଗାଈଠାରୁ ଦୁଗ୍ଧ ଆଦି ପଞ୍ଚଗବ୍ୟ (କ୍ଷୀର, ଘିଅ, ଦହି, ଗୋବର ଓ ଗୋମୂତ୍ର) ମିଳୁଥିବା ବେଳେ ବଳଦ ଚାଷ ଓ ପରିବହନରେ ସାହାଯ୍ୟ କରିଥାଏ । ତେଣୁ ଗୋଜାତିକୁ ଗୋସମ୍ପଦ ବୋଲି କୁହାଯାଏ । ଗୋମାତା ଏକାଦଶ ରୁଦ୍ରଙ୍କର ମାତା, ଅଷ୍ଟବସୁଙ୍କର କନ୍ୟା ଓ ଦ୍ୱାଦଶ ଆଦିତ୍ୟଙ୍କର ଭଗିନୀ, ଯିଏ ଅମୃତରୂପୀ ଦୁଗ୍ଧ ପ୍ରଦାନ କରନ୍ତି । ବେଦର ନିର୍ଦ୍ଦେଶ ଅନୁଯାୟୀ ଯଦି କେହି ଏହି ମାୟା-ରାଜ୍ୟରେ ସମସ୍ତ ପ୍ରକାର ବୈଭବ ପ୍ରାପ୍ତ କରିବାକୁ ଚାହେଁ ତେବେ ଗୋମାତାଙ୍କର ସେବା କରିବା ଆବଶ୍ୟକ ।

## ଲୋଭ ଭୟଙ୍କର ରୂପ ଧାରଣ କରିଛି

ସମଗ୍ର ସୃଷ୍ଟି ପଞ୍ଚମହାଭୂତକୁ ନେଇ ଗଠିତ । ଯଥା- କ୍ଷିତ୍(ମାଟି), ଅପ୍(ଜଳ), ତେଜ(ଅଗ୍ନି), ମରୁତ୍(ବାୟୁ), ବ୍ୟୋମ(ଆକାଶ) । ଅତ୍ୟାଧୁନିକତାର ପ୍ରଭାବରେ ଏସବୁ ଆଜି ବିଷାକ୍ତ ଓ ପ୍ରଦୂଷିତ । ଫଳତଃ ଦିନକୁ ଦିନ ମନୁଷ୍ୟ ସମେତ ସମଗ୍ର ଜୀବଜଗତ ରୋଗାକ୍ରାନ୍ତ । ଏହାର କୁପ୍ରଭାବରେ ଅନେକ ପ୍ରାଣୀ ଏ ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଗଲେଣି । ମନୁଷ୍ୟର ଲୋଭ ଭୟଙ୍କର ରୂପ ଧାରଣ କରିଛି ଓ କ୍ରୂର ଆଚରଣ କରିବାରେ ଲାଗିଛି । ଗୋବଂଶ ଏହି ପ୍ରଦୂଷଣକୁ ଅନେକ ମାତ୍ରାରେ ରୋକିବାରେ ସମର୍ଥ ବୋଲି ସାଧୁସନ୍ଥ ଓ ଆଧୁନିକ ବୈଜ୍ଞାନିକଗଣଙ୍କ ମତ । ଅଧିକ ଅମଳ ଲୋଭରେ ବିଚାରଶୂନ୍ୟ ହୋଇ ରାସାୟନିକ ସାର ଓ କୀଟନାଶକର ବହୁଳ ପ୍ରୟୋଗଦ୍ୱାରା ଚାଷଜମି ନଷ୍ଟ ହୋଇଛି । କଳକାରଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁ ଭୂମିକୁ ପ୍ରଦୂଷିତ



କରିଛି । ଗୋବର ଓ ଗୋମୂତ୍ର ଏହି ପ୍ରଦୂଷଣକୁ ରୋକିବାରେ ସମର୍ଥ । ଗୋବର ଓ ଗୋମୂତ୍ରକୁ ବ୍ୟବହାର କରି ଜମି ଉର୍ବର ହେବା ସହ ଭଲ ଫସଲ ଉତ୍ପାଦନ ହୋଇପାରିବ । ଯାହା ଧରାପୃଷ୍ଠକୁ ସବୁଜିମାରେ ପୂର୍ଣ୍ଣ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିବାରେ ସହାୟକ ।

## ଗୋବର ଦ୍ୱାରା ଜଳ ବିଶୋଧନ

କଳକାରଖାନାରୁ ନିର୍ଗତ ବିଷାକ୍ତ ଜଳ ଓ ବର୍ଷା ସମୟରେ ଚାଷ ଜମିରୁ ରାସାୟନିକ ସାର ଓ କୀଟନାଶକ ମିଶ୍ରିତ ଜଳ ନଦୀ, ପୋଖରୀରେ ମିଶିବାଦ୍ୱାରା ଜଳ ପ୍ରଦୂଷଣ ବହୁଳ ଭାବରେ ବୃଦ୍ଧି ପାଇଛି । କୃଷି ଓ ପ୍ରଯୁକ୍ତି ବିଭାଗର ତଥ୍ୟ ଅନୁସାରେ ଗୋବରଦ୍ୱାରା ଜଳ ବିଶୋଧନ କରାଯାଇପାରୁଛି । ଗୋବର ଘଷି ଓ ଗୋବର ଗ୍ୟାସ ଦ୍ୱାରା ରୋଷେଇ କରିବା ସଙ୍ଗେସଙ୍ଗେ ଦେଶୀ ଗାଈ ଘିଅରେ ଦୀପ ଜାଳିବାଦ୍ୱାରା ଅଗ୍ନି ଶୁଦ୍ଧ ହେବା ସହ ପରିବେଶ ବିଶୁଦ୍ଧ ହୋଇଥାଏ । ଗୋବର, ଗୋମୂତ୍ର ଓ ଘିଅ ଦୀପ ବାୟୁ ବିଶୋଧକ । ଶାସ୍ତ୍ର ଅନୁଯାୟୀ ଯେଉଁଠାରେ ଗୋ-ବଂଶ ଆନନ୍ଦରେ ବାସ କରନ୍ତି ଓ



ଶାନ୍ତିରେ ଶ୍ୱାସ ନିଅନ୍ତି, ସେ ସ୍ଥାନର ବାୟୁ ଓ ପରିବେଶ ଶୁଦ୍ଧ ହୁଏ । ଆକାଶ ତତ୍ତ୍ୱ ଶବ୍ଦ ସହିତ ସମ୍ପର୍କିତ । ପ୍ରାଣୀଜଗତ ବିଶେଷତଃ ଗୋଜାତି ଉପରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର ଓ ସେମାନଙ୍କ ଆକୁଳ କ୍ରନ୍ଦନ ପରିବେଶକୁ ଅଶାନ୍ତ କରିଛି । ତେଣୁ ଜୀବଜଗତର ସୁରକ୍ଷା ସହିତ ଗୋବଂଶଙ୍କର ବିଶେଷ ଯତ୍ନ ଆବଶ୍ୟକ। ଗୋ-ରବ ଶାନ୍ତି ଓ ଆନନ୍ଦବର୍ଦ୍ଧକ । ଗୋ' ଶବ୍ଦର ଅନେକ ଅର୍ଥ ଅଛି । ଯଥା- ଗୋବଂଶ, ପୃଥିବୀ, ଦିଗ,ବାଣୀ, ଇନ୍ଦ୍ରିୟ, ଦୃଷ୍ଟି, କିରଣ, ଜଳ, ଚନ୍ଦ୍ର ଓ ଆହୁରି ଅନେକ । ସୃଷ୍ଟିର ସବୁଠାରୁ ଉପକାରୀ ପ୍ରାଣୀ ଗୋମାତା । ଦ୍ୱାପର ଯୁଗରେ ସ୍ୱୟଂ ଭଗବାନ୍ କୃଷ୍ଣ ଗୋପାଳ ଭାବରେ ଅବତାର ନେଇ ଗୋ-ମହିମାକୁ ପ୍ରଚାର କରିଛନ୍ତି । ଭାରତୀୟ ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ଉପାସନାର ବର୍ଣ୍ଣନା ଅନେକ । ବୈଦିକ କାଳରୁ ଋଷି, ମୁନିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସଭିଏଁ ନିଜର ଭରଣ ପୋଷଣ ନିମନ୍ତେ ମୁଖ୍ୟତଃ କୃଷି ଓ ଗୋ-ପାଳନ ଉପରେ ନିର୍ଭର କରୁଥିଲେ । ଗାଈଠାରୁ ଦୁଗ୍ଧ ଆଦି ପଞ୍ଚଗବ୍ୟ (କ୍ଷୀର, ଘିଅ, ଦହି, ଗୋବର ଓ ଗୋମୂତ୍ର ) ମିଳୁଥିବା ବେଳେ ବଳଦ ଚାଷ ଓ ପରିବହନରେ ମଧ୍ୟ ସାହାଯ୍ୟ କରିଥାଏ । ତେଣୁ ଗୋଜାତିକୁ ଗୋସମ୍ପଦ ବୋଲି କୁହାଯାଏ ।

## ଗୋବଂଶ ଭୂମିକା ସର୍ବାଗ୍ରେ

ବିଭିନ୍ନ ପୁରାଣରେ ଗୋମାତା ବିଷୟରେ ବିଭିନ୍ନ ତତ୍ତ୍ୱ କଥା ଲେଖା ହୋଇଛି । ତନ୍ମଧ୍ୟରୁ ସ୍କନ୍ଦ ପୁରାଣ ଅନୁସାରେ, ଗୋଭିର୍ବିପ୍ରୈଶ୍ଚ ବେଦୈଶ୍ଚ ସତୀଭିଃ ସତ୍ୟବାଦିଭିଃ ,ଅଲୁବ୍ଧୈର୍ଦାନଶୀଳୈଶ୍ଚ ସପ୍ତଧିର୍ଧାର୍ଯ୍ୟତେ ମହୀ ।। ଅର୍ଥାତ୍ ଗୋ, ବିପ୍ର, ବେଦ, ସତୀ, ସତ୍ୟବାଦୀ, ନିର୍ଲୋଭୀ ଓ ଦାନୀ ଏହି ସାତ ମହାଶକ୍ତି ଉପରେ ପୃଥିବୀ ତିଷ୍ଠି ରହିଛି। ଏ ସମସ୍ତଙ୍କ ମଧ୍ୟରେ ଗୋବଂଶଙ୍କର ଭୂମିକା ସର୍ବାଗ୍ରେ । ପଦ୍ମ ପୁରାଣ



ଅନୁସାରେ ଗୋମାତାଙ୍କ ମୁଖରେ ଷଡଙ୍ଗ ଓ ପଦକ୍ରମ ସହିତ ଚାରି ବେଦ ରହିଥାନ୍ତି। ଶିଙ୍ଗର ଅଗ୍ରଭାଗରେ ଇନ୍ଦ୍ର ଓ ଦୁଇ ଶିଙ୍ଗରେ ଭଗବାନ୍ ଶଙ୍କର ଓ କେଶବ ରହନ୍ତି । ଉଦରରେ ସ୍କନ୍ଧ, ମୁଣ୍ଡରେ ବ୍ରହ୍ମା, ଲଲାଟରେ ବୃଷଭଧ୍ୱଜ, ଦୁଇ କାନରେ ଅଶ୍ୱିନୀ କୁମାର, ଦୁଇ ନେତ୍ରରେ ଚନ୍ଦ୍ରମା ଓ ସୂର୍ଯ୍ୟ, ଦାନ୍ତରେ ଗରୁଡ, ଜୀଭରେ ସରସ୍ୱତୀ, ଅପାନରେ ସମସ୍ତ ତୀର୍ଥ, ଗୋ-ମୂତ୍ରରେ ଜାହ୍ନବୀ ଗଙ୍ଗା, ଲୋମକୂପ ସମୂହରେ ଋଷିଗଣ, ମୁଖରେ ଉପର ଆଡକୁ ଯମ, ଡାହାଣ ପାର୍ଶ୍ୱକୁ କୁବେର ତଥା ଗରୁଡ, ବାମ ପଟକୁ ତେଜସ୍ୱୀ ଯକ୍ଷଗଣ, ମୁଖ ମଧ୍ୟରେ ଗନ୍ଧର୍ବ, ନାସିକାରେ ନାଗ, ଚାରି ଖୁରାର ପଶ୍ଚାତ୍ ଭାଗରେ ଅପସରାଗଣ, ଗୋବରରେ ଲକ୍ଷ୍ମୀ, ଗୋମୂତ୍ରରେ ସର୍ବମଙ୍ଗଳା ଦେବୀ, ପାଦର ଅନ୍ୟ ଭାଗରେ ସିଦ୍ଧାଦି ଖେଚର, ହମ୍ବା ରଡିରେ ପ୍ରଜାପତି ଓ ଚାରି ପହ୍ନାରେ ଚାରି ସମୁଦ୍ର ରହିଥାନ୍ତି। ଯେ ପ୍ରତିଦିନ ଗାଈକୁ ସ୍ପର୍ଶ କରନ୍ତି, ସେ ଏହି ସମୁଦ୍ରରେ ସ୍ନାନ କରିନିଅନ୍ତି । ତେଣୁ ମନୁଷ୍ୟ ନିଜର ପୁଷ୍ଟି ସାଧନ ପାଇଁ ଗୋମାତାଙ୍କୁ ସ୍ପର୍ଶ କରିବା ଉଚିତ୍ । ଏତଦ୍ୱାରା ସେ ସମସ୍ତ ପାପରୁ ମୁକ୍ତ ହୋଇଯାନ୍ତି । ତେଣୁ ମନୁଷ୍ୟ ନିଜର ପୁଷ୍ଟି ସାଧନ ପାଇଁ ଗୋମାତାଙ୍କୁ ସ୍ପର୍ଶ କରିବା ଉଚିତ। ଏହାଦ୍ୱାରା ସେ ସମସ୍ତ ପାପରୁ ମୁକ୍ତ ହୋଇଯାନ୍ତି । ଗୋମାତାଙ୍କ ଖୁରାଦ୍ୱାରା ଉଡୁଥିବା ଧୂଳିକୁ ମସ୍ତକରେ ଧାରଣ କରୁଥିବା ମନୁଷ୍ୟ ମଧ୍ୟ ସମସ୍ତ ତୀର୍ଥର ଜଳରେ ସ୍ନାନ କରିବା ସଙ୍ଗେ ସମାନ ଓ ସେ ସମସ୍ତ ପାପରୁ ମୁକ୍ତହୁଏ । ଗୋମାତାଙ୍କ ଖୁରାଦ୍ୱାରା ଉଡୁଥିବା ଧୂଳିକୁ ମସ୍ତକରେ ଧାରଣ କରୁଥିବା ମନୁଷ୍ୟ ମଧ୍ୟ ସମସ୍ତ ତୀର୍ଥର ଜଳରେ ସ୍ନାନ କରିବା ସଙ୍ଗେ ସମାନ ଓ ସେ ସମସ୍ତ ପାପରୁ ମୁକ୍ତହୁଏ । ପଣ୍ଡିତ ଗୋପବନ୍ଧୁ ଦାସ ୧୯୨୨ ମସିହାରେ ବନ୍ଦୀ ଜୀବନ କାଟୁଥିବା ସମୟରେ 'ଗୋ ମାହାତ୍ମ୍ୟ'




ନାମରେ ଏକ କାବ୍ୟ ଗ୍ରନ୍ଥ ରଚନା କରିଥିଲେ । ଦେଶରେ ଗୋଜାତିର ଶୋଚନୀୟ ଅବସ୍ଥା ଦେଖି ତାଙ୍କ ପ୍ରାଣ କାନ୍ଦି ଉଠିଥିଲା । ଗୋସେବା ହିଁ ପରମ ଧର୍ମ । ଗୋଜାତିର ଦୁର୍ଗତିରେ ଦେଶର ଦୁର୍ଗତି ।

**-ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

## ଚତୁର୍ମାସ୍ୟା ଓ ଅଶୁଦ୍ଧକାଳ

ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ-ଏହି ଚାରିମାସକୁ ଚତୁର୍ମାସ୍ୟା ବା ସଂସ୍କୃତରେ ଚାତୁର୍ମାସ୍ୟ କୁହାଯାଏ। ଆଷାଢ଼ ପୂର୍ଣ୍ଣିମା ଦିନରୁ ହିଁ ଶ୍ରାବଣ କୃଷ୍ଣ ପ୍ରତିପଦ ଆରମ୍ଭ ହୁଏ। ତେଣୁ ଆଷାଢ଼ ପୂର୍ଣ୍ଣିମାରୁ କାର୍ତ୍ତିକ ପୂର୍ଣ୍ଣିମା ଯାଏ ଚାତୁର୍ମାସ୍ୟ ପାଳନ ହୁଏ। ଆଷାଢ଼ ଶୁକ୍ଳ ଏକାଦଶୀକୁ ଦେବଶୟନୀ ବା ହରିଶୟନୀ ଏକାଦଶୀ କୁହାଯାଏ।

ଯଶୋବନ୍ତ ଦାସ ତାଙ୍କ ପ୍ରେମଭକ୍ତି ଗୀତାରେ ଲେଖିଛନ୍ତି- "ଏମନ୍ତେ ଚତୁର୍ମାସ୍ୟା ହୋଇ। ଶୟନଯାତ୍ରା ସେ ଭିଆଇ।" ଏହିଦିନଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ବିଷ୍ଣୁ ଯୋଗନିଦ୍ରାରେ ଶୟନ କରନ୍ତି। ତେଣୁ ଏହି ଚାରିମାସ ବିବାହ, ବ୍ରତ, ଗୃହପ୍ରତିଷ୍ଠା ଆଦି କୌଣସି ଶୁଭକାର୍ଯ୍ୟ ହୁଏ ନାହିଁ। ଚତୁର୍ମାସ୍ୟା ଓ ହରିଶୟନକୁ ଅଶୁଦ୍ଧକାଳ ଭାବେ ଗଣନା କରାଯାଏ। ଏହି ଚାରିମାସ ନିଜ ଘରେ ବା କୌଣସି ତୀର୍ଥସ୍ଥାନରେ ରହି ଜପ, ଧ୍ୟାନ, ଯୋଗ, ପ୍ରାଣାୟାମ ଆଦି କରିବା ପାଇଁ ଉପଯୁକ୍ତ ସମୟ। ସାଧୁସନ୍ଥମାନେ ତୀର୍ଥସ୍ଥାନରେ ରହି ଜପତପ, ହବିଷ୍ୟଭୋଜନ-ପୂର୍ବକ ଚାତୁର୍ମାସ୍ୟ ବ୍ରତ ପାଳନ କରନ୍ତି ।ତେବେ ଏ ଚାତୁର୍ମାସ୍ୟା ତିନି ପ୍ରକାର- ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ (ମଝିରେ ଯୋଡ଼ାମାସ ଥିଲେ ଶ୍ରାବଣ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ), ଆଷାଢ଼ ପୂର୍ଣ୍ଣିମାରୁ କାର୍ତ୍ତିକ ପୂର୍ଣ୍ଣିମା (ଯୋଡ଼ାମାସ ଥିଲେ ଶ୍ରାବଣ ପୂର୍ଣ୍ଣିମାରୁ କାର୍ତ୍ତିକ ପୂର୍ଣ୍ଣିମା)



ଏବଂ କର୍କଟ ସଂକ୍ରାନ୍ତିରୁ ବିଛା ସଂକ୍ରାନ୍ତି। ଯେଉଁଠି ଯେପରି ପରମ୍ପରା ସେମାନେ ସେପରି ପାଳନ କରିବେ। ଆମ ଓଡ଼ିଶାରେ ମୁଖ୍ୟତଃ ଏକାଦଶୀରୁ ଏକାଦଶୀ ଗ୍ରହଣ କରାଯାଏ। ମାର୍ଗଶିର ମାସକୁ ଛାଡ଼ିଦେଲେ ଦକ୍ଷିଣାୟନ (କର୍କଟ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି)ରେ ମଧ୍ୟ କୌଣସି ଶୁଭକର୍ମ କରାଯାଏ ନାହିଁ।

ଅନେକେ ଭାବନ୍ତି ଏ ଚାତୁର୍ମାସ୍ୟା ହେଉଛି ଅଶୁଭ ସମୟ। ପ୍ରକୃତରେ ଏହା ଅଶୁଭ ସମୟ ନୁହେଁ- କେବଳ ବିବାହାଦି ପାଇଁ ଏହାକୁ ଅଶୁଦ୍ଧକାଳ ଭାବେ ବର୍ଜନ କରାଯାଏ। ଯୋଗସାଧନା, ପୁଣ୍ୟଅର୍ଜନ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଏହା ପ୍ରକୃଷ୍ଟ ସମୟ। ଏହି ଚାରିମାସ ଭିତରେ ଦୁଇଟା ଋତୁ ବର୍ଷା ଓ ଶରତ ଋତୁ ଆସୁଛି। ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ବଳଭଦ୍ର ଜନ୍ମ ଓ ରାକ୍ଷୀ ପୂର୍ଣ୍ଣିମା, ରାଧାଷ୍ଟମୀ, ବାମନ ଜୟନ୍ତୀ, ଶାରଦୀୟ ଦୁର୍ଗାପୂଜା ଓ ଦଶହରା, ବିଶ୍ୱକର୍ମା ପୂଜା, କୁମାର ପୂର୍ଣ୍ଣିମା, ଦୀପାବଳି ଓ କାଳୀପୂଜା ପ୍ରଭୃତି ପର୍ବ ଏହି ଦୁଇ ଋତୁରେ ପଡ଼େ। ଅନେକ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ଏହି ସମୟରେ ଭାଗବତ ନବାହ୍ନ ପାରାୟଣ, ଭାଗବତ କଥା ପ୍ରବଚନ, ଗୀତା ପ୍ରବଚନ, ହରିବଂଶ ଓ ରାମାୟଣ ପାରାୟଣ ଆଦି ଏହି ସମୟରେ କରାଯାଏ।

## ମଧୁମେହ ରୋଗୀଙ୍କ ପାଇଁ ପିଜୁଳି ଅମୃତ

ମଧୁମେହ ରୋଗୀଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ହେଉଛି ଖାଦ୍ୟରେ କଟକଣା। ମଧୁମେହ ହେଲେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ବାରଣ କରାଯାଏ। ତେଣୁ ସେମାନେ ଅନେକ ପରିବା ଓ ଫଳଠୁ ଦୂରେଇ ରୁହନ୍ତି। କିନ୍ତୁ ପିଜୁଳି ସେମାନଙ୍କ ପାଇଁ ଅମୃତ ସଦୃଶ ହେବ । ଏଥିରେ ଥିବା ପୋଷକ ତତ୍ତ୍ୱ ମଧୁମେହ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟକର ହୋଇ ଥିବାବେଳେ ଏହା ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରିନଥାଏ ।ତେଣୁ ମଧୁମେହ ରୋଗୀଙ୍କୁ ବିଭିନ୍ନ ଫଳ ଖାଇବାକୁ ବାରଣ କରାଯାଉ ଥିଲେ ମଧ୍ୟ ସେମାନେ ପିଜୁଳି ଖାଇପାରିବେ। କିନ୍ତୁ ଅତ୍ୟଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେବେ ଦିନକୁ କେତୋଟି ପିଜୁଳି ଖାଇବା ଠିକ୍, ତାହା ଜାଣିବା ଦରକାର ।ପିଜୁଳିକୁ ପୋଷକ ତତ୍ତ୍ୱ ଦୃଷ୍ଟିରୁ ଆପଲଠାରୁ ଉତ୍ତମ ଭାବେ ବିବେଚନା କରାଯାଏ। ପିଜୁଳି ପ୍ରଚୁର ପରିମାଣରେ ମିଳିଥାଏ। ପ୍ରଚୁର ମିଳେ ବୋଲି ଏକା ସାଙ୍ଗରେ ଅଧିକ ଖାଇବା ଆଦୌ ଉଚିତ୍ ନୁହେଁ, ଦିନକୁ ଗୋଟିଏ ପିଜୁଳି ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ। ସ୍ୱାସ୍ଥ୍ୟ





ବିଶେଷଜ୍ଞଙ୍କ କହିବା ଅନୁସାରେ, ପିଜୁଳିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ ୧୨-୨୪ ମଧ୍ୟରେ ଥାଏ। ଏହା ବ୍ୟତୀତ ଅନେକ ଭିଟାମିନ ମଧ୍ୟ ମିଳିଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ। ପିଜୁଳିରେ ଭିଟାମିନ୍ ସି, ଫାଇବର, ଆଇରନ, ପୋଟାସିୟମ, ଲାଇକୋପିନ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ମିଳିଥାଏ, ଏହି କାରଣରୁ ପିଜୁଳି ଖାଇବା ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରଣ ହୋଇଥାଏ। ଏହା ବ୍ୟତୀତ ପିଜୁଳି ଖାଇବା ଦ୍ୱାରା ଓଜନ କମିଥାଏ ଏବଂ ଶରୀରରେ ଇନସୁଲିନ ପ୍ରତିରୋଧକ ଉନ୍ନତ ହୋଇଥାଏ। ମଧୁମେହ ରୋଗୀମାନେ ଦିନକୁ ଗୋଟିଏ ବଡ଼ ପିଜୁଳି ଖାଇପାରିବେ। ଅନ୍ୟ ସମୟ ଅପେକ୍ଷା ସକାଳେ ପିଜୁଳି ଖାଇବା ଅଧିକ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଦିନସାରା ବ୍ଲଡ ସୁଗାର (ରକ୍ତ ଶର୍କରା)କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ସକାଳେ ଖାଲି ପେଟରେ ପିଜୁଳି ଖାଇବା ଦ୍ୱାରା ପେଟ ଏବଂ ହଜମ ସମ୍ବନ୍ଧୀୟ ସମସ୍ୟାରୁ ମଧ୍ୟ ମୁକ୍ତି ମିଳେ। ଏହା କୋଷ୍ଠକାଠିନ୍ୟରୁ ମଧ୍ୟ ମୁକ୍ତି ଦେଇଥାଏ।

## ଜାତୀୟ ନିର୍ବାଚନ କମିଶନ ପକ୍ଷରୁ ବୁଥସ୍ତରୀୟ ପ୍ରଶିକ୍ଷଣ

ନିମାପଡ଼ା,(ନିପ୍ର.): ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ବୁଥସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ବରାଳ, ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ ସୁଶାନ୍ତ ବେହେରା, ପରିଦର୍ଶକ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

ତହସିଲଦାର ଶ୍ରୀ ପ୍ରଧାନ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିବା ବେଳେ ପ୍ରଶିକ୍ଷକ ଭାବେ ସନ୍ଦୀପ ମିଶ୍ର, ରବୀନ୍ଦ୍ର ନାଥ ତ୍ରିପାଠୀ ମଂଚାସୀନ ହୋଇ ପ୍ରଶିକ୍ଷଣ ଦେଇଥିଲେ । ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୯୭ ବୁଥ୍ ନିମନ୍ତେ ୪ଟି ବ୍ୟାଚ୍ ଗଠନ କରାଯାଇ ୧୦, ୧୧, ୧୪, ୧୫ ତାରିଖରେ ପ୍ରଶିକ୍ଷଣ ଦିଆଯିବ ବୋଲି ବ୍ଲକ୍ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ମୋଟ ୨୦୦ ଅଧିକାରୀଙ୍କୁ ୪ ବ୍ୟାଚ୍‌ରେ ତାଲିମ୍ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି । ପ୍ରତି ବ୍ୟାଚରେ ୫୦ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରି ଭୋଟର ତାଲିକାରେ ନାମ ଯୋଡ଼ିବା, ନାମ ବାଦ୍ ଦେବା ଏବଂ ସଠିକ୍ ନାମ ଯୋଡ଼ିବା ସଂପର୍କରେ ତାଲିମ୍ ପ୍ରଦାନ କରାଯାଇଥିଲା । ବ୍ଲକ୍ ପରିଦର୍ଶକ ସୁକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ବେଳେ ତାଲିମ୍ ଗ୍ରହଣ କରିଥିବା ୫୦ ଜଣଙ୍କୁ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

## ଦିବ୍ୟ ଜୀବନ ସଂଘ ଆଶ୍ରମରେ ଗୁରୁ ପୂର୍ଣ୍ଣିମା

ନିମାପଡ଼ା,(ନି.ପ୍ର.): ସ୍ଥାନୀୟ ଦିବ୍ୟ ଜୀବନ ସଂଘ ଆଶ୍ରମ ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ଆନନ୍ଦ ଉଲ୍ଲାସ, ଉତ୍ସାହର ସହ ପାଳନ କରାଯାଇଥିବା ସଂଘ ସଂପାଦକ ନିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି । ସଭାପତି ଡ଼ାକ୍ତର ରବୀନ୍ଦ୍ର ନାଥ ଖୁଂଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସ ବ୍ୟାପି କାର୍ଯ୍ୟକ୍ରମରେ ଭକ୍ତମାନେ ଭଜନ କୀର୍ତନ, ପାଦୁକା ପୂଜା ଆଦିରେ ସାମିଲ ହୋଇ ଗୁରୁ ପୂର୍ଣ୍ଣିମା ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପ୍ରାତଃ କାଳରେ ଗଣେଶ ବନ୍ଦନା, ଗୁରୁପାଦ ପୂଜା, ଗୀତାପାଠ ସହିତ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହୋଇଥିଲା । ଗୁରୁ ପ୍ରତ୍ୟେକ ଶିଷ୍ୟଙ୍କୁ ଅନ୍ଧାରରୁ ଆଲୋକକୁ ନେଇଥା'ନ୍ତି । ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ସେହିଁ ସଫଳତା ଲାଭ କରିଥାଏ ବୋଲି ସଭାପତି ଡ଼ାଃ ଖୁଂଟିଆ ପ୍ରକାଶ କରି ସମସ୍ତ ଜନସାଧାରଣ ଏହି ଦିନରେ ଗୁରୁଙ୍କ ପୂଜା କରି ତାଙ୍କୁ ସମ୍ମାନ ପ୍ରଦାନ କରିବା ପରମ୍ପରାକୁ ବଜାୟ ରଖିବାକୁ ନିବେଦନ କରିଥିଲେ । ବରିଷ୍ଠ ସଭ୍ୟ ପଦ୍ମଚରଣ ପାଣିଗ୍ରାହୀ ଗଗନ ସେନାପତି, ରୋହିତ ସ୍ୱାଇଁ, ସତ୍ୟ ପ୍ରକାଶ ସ୍ୱାଇଁ, ସୁରେଶ ସାହୁ, କୃଷ୍ଣ ମୋହନ ବେହେରା, ରବୀନ୍ଦ୍ର ବରାଳ, ଦିବାକର ରାଉତ, ଲତିକା ସ୍ୱାଇଁ, ଧରାଶ୍ରୀ ଦାଶ, ପ୍ରଭାତି ସାହୁ ପ୍ରମୁଖ ଅଂଶଗ୍ରହଣ କରି ଆଷାଢ଼ ଶୁକ୍ଳ ପୂର୍ଣ୍ଣିମାରେ ଶ୍ରଦ୍ଧାର ସହ ଗୁରୁଙ୍କୁ ନୂତନ ବସ୍ତ୍ର, ଫଳପୁଷ୍ପ ଆଦି ପ୍ରଦାନ କରିଥିବା ଲକ୍ଷ୍ୟ କରାଯାଇଥିଲା ।

## ବିଜୁ ଜନତା ଦଳର ସଂକଳ୍ପ କାର୍ଯ୍ୟକ୍ରମ

ଭଦ୍ରକ,(ନିପ୍ର): ବାଲେଶ୍ୱରରେ ମହିଳାଙ୍କୁ ସମ୍ମାନ ବିଜୁ ଜନତା ଦଳର ସଙ୍କଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଥିବା ବେଳେ ଯୋଗଦେଲେ ବିଜୁ ଜନତା ଦଳର ରାଜ୍ୟ ସ୍ତରୀୟ ନେତୃମଣ୍ଡଳୀ କିଛିଦିନ ପୂର୍ବରୁ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ବିଜୁ ଜନତା ଦଳର ବାଲେଶ୍ୱର



ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ଅଶ୍ଳୀଳ ମନ୍ତବ୍ୟକୁ ବିରୋଧ କରି (ନୀଳଗିରି ବିଧାୟକ)ଙ୍କ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରି ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା ।

ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକଙ୍କ ସମେତ ବିଧାୟକ ଚାନ୍ଦବାଲିଙ୍କ ସମେତ ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ଓ ମହିଳା ନେତୃତ୍ୱ ଯୋଗଦେଇ ଥିଲେ । ଯଦି ବାଲେଶ୍ୱର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଏ ପ୍ରତିବାଦ ବିକ୍ଷୋଭ ରାଜଧାନୀ ରାଜରାସ୍ତାରେ ହେବ ବୋଲି ଚେତାବନୀ ଦେଉଛନ୍ତି ବିଜୁ ଜନତା ଦଳର ରାଜ୍ୟ ସ୍ତରୀୟ ନେତୃମଣ୍ଡଳୀ ।

## ଡାବୁଗାଁରେ ନୂତନ ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ

ଡାବୁଗାଁ,(ନିପ୍ର): ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ନୂତନ ବନାଞ୍ଚଳ ଅଧିକାରୀ ଭାବେ ଆସିତ କୁମାର ସାହୁ ଯୋଗଦାନ କରିଛନ୍ତି । ସେ ପୂର୍ବରୁ ନବରଙ୍ଗପୁର ଡ଼ିଏଫଓ ଅଫିସରେ କାର୍ଯ୍ୟ କରୁଥିଲେ ।ନୂତନ ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ କରିବା ପରେ ବନ କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବର୍ତ୍ତମାନ ଦେଖିବାକୁ ବାକି ରହିଲା ନୂତନ ବନାଞ୍ଚଳ ଅଧିକାରୀ ଏବଂ ତାଙ୍କ ବିଭାଗର କର୍ମଚାରୀ ମାନେ କିଭଳି ଡାବୁଗାଁ ଅଞ୍ଚଳର ବଣ ଜଙ୍ଗଲ ଏବଂ ଜଙ୍ଗଲୀ ଜୀବଜନ୍ତୁଙ୍କୁ ସୁରକ୍ଷା ଦେଉଛନ୍ତି ।

## ଅନ୍ଧାର ଭିତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ-ସ୍ୱାସ୍ଥ୍ୟକେନ୍ଦ୍ର




ବ୍ରହ୍ମପୁର,(ନିପ୍ର): ଅଙ୍କୁଶପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ-ସ୍ୱାସ୍ଥ୍ୟ କେନ୍ଦ୍ରରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଲାଇଟ୍ ଅଛି ଫ୍ୟାନ ଝୁଲୁଛି କିନ୍ତୁ ବିଦ୍ୟୁତ ସଂଯୋଗ ନାହିଁ । ପ୍ରାୟ ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି କୋଠାକୁ ଗତ ନଭେମ୍ବର ମାସରେ ଉଦ୍‌ଘାଟନ କରାଯାଇଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଅସ୍ଥାୟୀ ଭାବେ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା । ହେଲେ ସ୍ୱାସ୍ଥ୍ୟ କେନ୍ଦ୍ର ଆରମ୍ଭ ହେବାର ୨ ମାସ ପରେ ଏହାକୁ ବିଚ୍ଛିନ୍ନ କରାଦିଆଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ନୂଆ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ । ଏ ବାବଦରେ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି କାର୍ଯ୍ୟରତ ଅଧିକାରୀ । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରାୟ ୭ଟି ଗ୍ରାମ ନିର୍ଭର କରୁଛନ୍ତି । ପ୍ରତିଦିନ ପାଖାପାଖି ୩୦ ରୁ ୪୦ ରୋଗୀ ଏଠାକୁ ଆସନ୍ତି । ବିଦ୍ୟୁତ ନ ଥିବା ଯୋଗୁ ଦୀର୍ଘ ସମୟ ଧରି ଅପେକ୍ଷା କରି ରହୁଥିବା ରୋଗୀ ଓ ସମ୍ପର୍କୀୟମାନେ ଗରମରେ ହନ୍ତସନ୍ତ ହେଉଛନ୍ତି । ବିଦ୍ୟୁତ ନଥିରୁ ଗର୍ଭବତୀ ଓ ଶିଶୁମାନେ ଅନ୍ଧାର କୋଠରୀ ଭିତରେ ଟିକା ନେଉଛନ୍ତି । ବିଜୁଳି ଅଭାବରୁ ନିଜେ ଡାକ୍ତର ମଧ୍ୟ ଗରମରେ ଛଟପଟ ହେଉଛନ୍ତି । ଔଷଧ ରଖିବା ପାଇଁ ଫ୍ରିଜ ଅଛି । କିନ୍ତୁ ବିଦ୍ୟୁତ ସଂଯୋଗ ନଥିବାରୁ ସେହି ଔଷଧ ଗୁଡ଼ିକୁ ରଖିବା ପାଇଁ ସମସ୍ୟା ହେଉଛି । ଏଥିପାଇଁ ଦୈନନ୍ଦିନ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି । ଏ ବାବଦରେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ନୂଆ ସଂଯୋଗ ପାଇଁ ଆବେଦନ କରାଯାଇଛି । କିନ୍ତୁ ତାର ସଂଯୋଗ ନିମନ୍ତେ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦେବାକୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ କୁହାଯାଇଥିବା ସେ କହିଥିଲେ । ବିଡ଼ିଓ ପଲ୍ଲବୀ ସ୍ୱାଇଁ କହିଛନ୍ତି କୋଠାର କାମ ସରିଲା ପରେ ଆମେ ତାଙ୍କୁ ହସ୍ତାନ୍ତର କରିଥିଲୁ । କିନ୍ତୁ ନୂତନ ବିଦ୍ୟୁତ ସଂଯୋଗ ଆମ ଅଧୀନରେ ନାହିଁ ବୋଲି ସେ କହିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବା ଯୋଗୁଁ ସାଧାରଣ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

### ଡିଏଭି ପବ୍ଲିକ ସ୍କୁଲ, ଏମ୍‌ସିଏଲ୍ କଳିଙ୍ଗ କ୍ଷେତ୍ରର ୩୦ତମ ପ୍ରତିଷ୍ଠା ଦିବସ

## ଏକାଗ୍ରତା ଓ ଦୃଢ଼ ନିଷ୍ଠା ସଫଳତା ପାଇଁ ମାର୍ଗଦର୍ଶକ

ଅନୁଗୁଳ,(ନିପ୍ର): ଡିଏଭି ପବ୍ଲିକ ସ୍କୁଲ, ଏମ୍‌ସିଏଲ୍ ୩୦ ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି । ହିଙ୍ଗୁଳା କ୍ଲଷ୍ଟର ପ୍ରବନ୍ଧକ ତଥା ଏମ୍‌ସିଏଲ୍‌ର ବି. ମହମ୍ମଦ ମୁଖ୍ୟ ଅତିଥି ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ୯୦ ପ୍ରତିଶତରୁ ଅଧିକ ନଂ ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିଥିଲେ । ୨୦୨୩-୨୦୨୪ରେ ଦଶମର ୫୬ ଓ




ମିଆଁଙ୍କ ସଦିଚ୍ଛା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲା । ସମ୍ମାନିତ ଅତିଥି ଭାବରେ ବି. ରିଜୱାନା ମହମ୍ମଦ ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ରୂପେ ସୁଶ୍ରୀ ସ୍ୱର୍ଣ୍ଣମୟୀ ସାହୁ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଏକାଗ୍ରତା ଓ ଦୃଢ ନିଷ୍ଠା ମାର୍ଗଦର୍ଶକ ବୋଲି ଅତିଥି ମାନେ ପରାମର୍ଶ ଦେଇଥିଲେ । ଦ୍ୱାଦଶରେ ୨୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ୨୦୨୪-୨୦୨୫ ଦଶମର ୩୮ ଓ ଦ୍ୱାଦଶ ଶ୍ରେଣୀର ୨୭ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

## 'ଶିକ୍ଷା ମନ୍ଦିର ଗଠନରେ ପରମେଶ୍ୱରଙ୍କ ଭୂମିକା ଚିରସ୍ମରଣୀୟ'

ନିରାକାରପୁର ,(ନିପ୍ର):ଖୋର୍ଦ୍ଧା ଜିଲ୍ଲା ରାମାବିଲି ରାମଚନ୍ଦ୍ର ବିଦ୍ୟାନିକେତନ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ପାଇକରାୟଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ସ୍ୱର୍ଗତ ପରମେଶ୍ୱର ମହାପାତ୍ରଙ୍କ ଦ୍ୱାଦଶତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରମାବିଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁଲୁ ମାଝି ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇ ସ୍ୱର୍ଗତ ମହାପାତ୍ରଙ୍କ ବାଲ୍ୟାବସ୍ଥାରୁ ଜୀବନଶୈଳୀ ଉପରେ ଆଲୋଚନା କରି ମହାପାତ୍ର ମହୋଦୟ କିପରି କର୍ତ୍ତବ୍ୟ, ନିଷ୍ଠା ବଳରେ ଛଣଗିରି ଗ୍ରାମପଞ୍ଚାୟତର ଦୁଇଥର ସରପଞ୍ଚ, ଜଣେ ଜଣାଶୁଣା ସମାଜ ସେବୀ, ପ୍ରକୃତି ବନ୍ଧୁ ଭାବରେ ସୁନାମ ଅର୍ଜନ କରିଥିବାର ମତ ରଖିଥିଲେ । ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ସ୍ୱର୍ଗତ ମହାପାତ୍ରଙ୍କ ନିରାଡ଼ମ୍ବର ଜୀବନ ଶୈଳୀରେ ରହି ଦୁଃଖିଦରିଦ୍ର ମାନଙ୍କର ସେବା ଓ ବିଦ୍ୟାଳୟ ରୂପକ ଶିକ୍ଷା ମନ୍ଦିର ଗଠନରେ ତାଙ୍କର ଭୂମିକା ଚିରସ୍ମରଣୀୟ ହୋଇ ରହିବାର ମତ ରଖିଥିଲେ । ବିଦ୍ୟାଳୟର ଶିକ୍ଷକ ମୁରଲୀଧର ହରିଚନ୍ଦନ, ନରେନ୍ଦ୍ର ପାଇକରାୟ, ନାରାୟଣ ପାତ୍ର, ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତି ବିଶୋଇ, ମାନସ କୁମାର ପାହାଡାସିଂହ ସମେତ ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ସହିତ ମିଷ୍ଟାନ୍ନରେ ଅପାୟିତ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟର ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର ସମସ୍ତଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଆଇଏସଟିଇ ଛାତ୍ର ସମାବେଶ ଓ ଜାତୀୟ ପାଠଚକ୍ର

ଗୁଣୁପୁର,(ନିପ୍ର): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଦିନିଆ ଓଡିଶା ବିଭାଗ ର ୨୬ ତମ ଆଇ ଏସଟିଇ ଛାତ୍ର ସମାବେଶ ଏବଂ ଜାତୀୟ ପାଠଚକ୍ର 'ଭାରତର ଆର୍ଟିଫିଶିଆଲ ଇଣ୍ଟେଲିଜେନ୍ସ ବିପ୍ଳବ - ବିଶ୍ୱ ଗୁରୁ' ସମ୍ପର୍କରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବେ ୟୁ ପି ଏସ ସି ର ପୂର୍ବତନ ଅଧ୍ୟକ୍ଷ ଡ. ଡି ପି ଅଗ୍ରୱାଲ ଆଭସି ମଧ୍ୟମରେ ଯୋଗ ଦେଇ ଆର୍ଟିଫିଶିଆଲ ଇଣ୍ଟେଲିଜେନ୍ସର ବର୍ଦ୍ଧିତ ପ୍ରୟୋଗ ଏବଂ ଉଦୀୟମାନ ପ୍ରଭୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଆଇଏସଟିଇ ଓଡିଶା ବିଭାଗର ଅଧ୍ୟକ୍ଷ ଡ. ପ୍ରଭାତ କୁମାର ପାଢ଼ୀ ଯୋଗ ଦେଇ ଆର୍ଟିଫିଶିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଭାରତୀୟ ମାନଙ୍କ ଉଲ୍ଲେଖନୀୟ ସଫଳତା ବିଷୟରେ କହିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ଡ.ଏ ଭିଏନଏଲ ଶର୍ମା ଯୋଗଦେଇ ବୈଷୟିକ ଓ ଅଭିନବକରଣ କ୍ଷେତ୍ରରେ ଭାରତ ବିଶ୍ୱଗୁରୁ ହେବାର କ୍ଷମତା ରହିଛି ବୋଲି କହିଥିଲେ । ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ର ଡିନ ଡ. ଡୁଲୁ ପଟ୍ଟନାୟକ ଯୋଗ ଦେଇ ଆର୍ଟିଫିଶିଆଲ ଇଣ୍ଟେଲିଜେନ୍ସର ଉତ୍ପତ୍ତି ଓ ବିକାଶ ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ ଭି ଜେ ରାଓ, ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର, ସମସ୍ତ ସ୍କୁଲର ଡିନ, ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସଂଯୋଜକ ଡ. ରାଘେବେନ୍ଦ୍ର କୁମାର ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ଚାରାରୋପଣ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଲେ ଅତିଥି

## ପରିବେଶ ସନ୍ତୁଳନ ରକ୍ଷା ଲାଗି ଜଙ୍ଗଲ ସୃଷ୍ଟି ଅପରିହାର୍ଯ୍ୟ

ଭୁବନେଶ୍ୱର,(ନିପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆରମ୍ଭ ହୋଇଛି ଚଳିତ ବର୍ଷର ବୃକ୍ଷ ରୋପଣ ଅଭିଯାନ । ବିଏମ୍ ସି ଏବଂ ବନ ବିଭାଗର ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଉଦଘାଟନ କରିଛନ୍ତି । ଏହି ଉପଲକ୍ଷେ ଭୁବନେଶ୍ୱର ନଗର ବନଠାରେଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍ ସି କମିଶନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ,ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ସଯୁକ୍ତା ସୁନ୍ଦରାୟ ପ୍ରମୁଖ ମଂଚାସୀନ ଥିଲେ । ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ବ୍ୟାପକ ଜଙ୍ଗଲ ନଷ୍ଟ ସାଙ୍ଗକୁ ଅତ୍ୟଧିକ ଯାନବାହନ ଚଳାଚଳ ଓ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର ସାଙ୍ଗକୁ ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପକ୍କା ଗୃହ ନିର୍ମାଣ ଏହାର ମୂଳ କାରଣ । ଏଥିରୁ ମାନବ ସମାଜ ତଥା ପରପିଢିକୁ ସୁରକ୍ଷା ଦେବାକୁ ହେଲେ ଆଜିଠାରୁ ସମସ୍ତେ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ଆହ୍ୱାନ ଦେଇଛନ୍ତି । ଗତବର୍ଷ ମିଆଁକି ପଦ୍ଧତିରେ ଏଠାରେ ଲାଗିଥିବା ୫ ହଜାର ବୃକ୍ଷ ବଂଚିଛି ଏବଂ ଏକ ପ୍ରକାର ଜଙ୍ଗଲ ସୃଷ୍ଟି ହୋଇଥିବା ଦେଖି ଅତିଥିମାନେ ଖୁସିବ୍ୟକ୍ତ କରିଥିଲେ । ସ୍ୱାଗତ ଅଭିଭାଷଣ ଦେଇ ବିଏମ୍ ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଲେ ଯେ, ଏଥିରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଉଛି, କେବଳ ଜଙ୍ଗଲ ସୃଷ୍ଟି କରିବାକୁ ନୁହେଁ,ଜଙ୍ଗଲ ସହ ପଶୁପକ୍ଷୀମାନଙ୍କୁ ମଧ୍ୟ ସେମାନଙ୍କର ଖାଦ୍ୟ ଓ ଆବାସସ୍ଥଳ ଯୋଗାଇ ଦେବା ଏହାର ଅନ୍ୟତମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଅର୍ଥାତ୍, ପ୍ରାକୃତିକ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ଆମକୁ ନିହାତି ଜଙ୍ଗଲ ସୃଷ୍ଟି କରିବାକୁ ପଡିବ



ଏବଂ ଏହା ଅପରିହାର୍ଯ୍ୟ ବୋଲି ସେ କହିଥିଲେ । ମେୟର ସୁଲୋଚନା ଦାସ ମିଆଁୱାକି ପଦ୍ଧତି କଣ ଏବଂ ଏହାକୁ କାହିଁକି ବିଏମ୍ ସି ଆପଣାଇଛି ସେ ସଂପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ଗତ ବର୍ଷ ଏହିଠାରେ ୮ ହଜାର ବୃକ୍ଷ ରୋପଣ କରାଯାଇଥିଲା ଏବଂ ସେ ସବୁଗୁଡିକ ବଂଚିଛି ବୋଲି ସେ କହିଥିଲେ । କେବଳ ସେତିକି ନୁହେଁ, ଗତ ବର୍ଷ ଟି ମିଆଁୱାକି ଜଙ୍ଗଲ ସୃଷ୍ଟି କରାଯାଇଥିବା ବେଳେ ଚଳିତ ବର୍ଷ ୨୦ଟି ମିଆଁୱାକି ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏ ବର୍ଷ ବନ ବିଭାଗ ଓ ବିଏମ୍‌ସି ମିଳିତ ଭାବେ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ୨ ଲକ୍ଷ ବୃକ୍ଷ ରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ମହାନଗର ନିଗମର ଅଂଚଳର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସାଧାରଣ ନାଗରିକ, ଆବାସିକ ସଂଗଠନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଯୁବକସଂଘ, ଏସ୍‌ଏଚ୍ ଜି ପ୍ରମୁଖ ଏଥିପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି । କେବଳ ଗଛ ଲଗାଇବା ନୁହେଁ, ତାକୁ ବଂଚାଇ ବଡ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଦରକାର ବୋଲି ସେ କହିଥିଲେ । ଏଥିପାଇଁ ସେ ବନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ । 'ମା' ପାଇଁ ଗଛଟିଏ'ର ତାତ୍ପର୍ଯ୍ୟ କହିବା ସହ ଗଛକୁ ମାଆ ପରି ପାଳନ କରିବା ଏବଂ ତାହାର ଯତ୍ନ ନେବାପାଇଁ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ଏକାମ୍ର ବିଧାୟକ ବାବୁ ସିଂ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ବୃକ୍ଷର ମହାତ୍ମ୍ୟ ସଂପର୍କରେ ଅବଗତ କରାଇଥିଲେ ।

## ଉପଜିଲ୍ଲାପାଳଙ୍କୁ ଗିରଫ ଦାବିରେ ବିକ୍ଷୋଭ

ଭଦ୍ରକ,(ନିପ୍ର): ଗତ ଜୁନ୍ ୧୧ ତାରିଖରେ ବାଲେଶ୍ୱର ଜିଲ୍ଲାର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସହଦେବଖୁଣ୍ଟା ଥାନା ଅଧିକାରୀଙ୍କ ପ୍ରକୋଷ୍ଠରେ ବାଲେଶ୍ୱର ବହୁ ପଦାଧିକାରୀଙ୍କ ଉପସ୍ଥିତିରେ ବାଲେଶ୍ୱର ଉପଜିଲ୍ଲାପାଳ, ପ୍ରୋବେସନର ମହିଳା ଆଇଏଏସ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଘଟଣା ସଂପର୍କରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିବା ବେଳେ ଏପର୍ଯ୍ୟନ୍ତ ଏତଲା ରେଜେଷ୍ଟ୍ରି କରାଯାଇନାହିଁ କିମ୍ବା ଏହି ଅଭିଯୁକ୍ତ ମହିଳା ଉପଜିଲ୍ଲାପାଳଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ବାଲେଶ୍ୱର ପୋଲିସ ପକ୍ଷରୁ




ଗ୍ରହଣ କରାଯାଇନାହିଁ । ଏହାର ପ୍ରତିବାଦରେ ଅଭିଯୁକ୍ତ ମହିଳା ଆଇଏଏସ ଅଫିସରଙ୍କୁ ତୁରନ୍ତ ଗିରଫ କରିବା, କର୍ତ୍ତବ୍ୟରେ ଖିଲାପ କରିଥିବା ସହଦେବଖୁଣ୍ଟା ଥାନାଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଭଦ୍ରକ ଓକିଲ ସଂଘ ପକ୍ଷରୁ ଭଦ୍ରକ ଜିଲ୍ଲା ଜଜ୍ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଓକିଲ ମାନେ କଳାବ୍ୟାଚ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ଆନ୍ଦୋଳନରେ ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଓକିଲ ସଂଘ ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ଭଦ୍ରକ ଓକିଲ ସଂଘର ପୂର୍ବତନ ସଂପାଦକ ଦିବ୍ୟସିଂହ ନାୟକ, ଓଡିଶା ରାଜ୍ୟ ବାର୍ କାଉନସିଲ ର ପୂର୍ବତନ ସଭ୍ୟ ପବନ କୁମାର ଶର୍ମା, ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ, ଅଲଇଣ୍ଡିଆ ଲୟର୍ସ ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ସନ୍ତୋଷ ନାୟକ , ଅଲଇଣ୍ଡିଆ ଲୟର୍ସ ୟୁନିୟନ ଭଦ୍ରକ ଜିଲ୍ଲା ସଂପାଦକ ରାଧାନାଥ ଦାସ, ବିଶିଷ୍ଟ ଆଇନଜୀବୀ ବିଜନ ଯେନା, ଯୁବ ଆଇନଜୀବୀ ବିକାଶ ନାଥ, ଯୁବ ଆଇନଜୀବୀ ସଞ୍ଜୟ ନାୟକ, ସତ୍ୟ ସୁନ୍ଦର ପତି, ବରିଷ୍ଠ ଆଇନଜୀବୀ ସନ୍ତୋଷ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ । ମହିଳା ଉପଜିଲ୍ଲାପାଳଙ୍କୁ ଗିରଫ କରାନଗଲେ ଆଗାମୀ ଦିନରେ ରାଜରାସ୍ତାରେ ବୃହତ୍ତର ଆନ୍ଦୋଳନ ହେବ ବୋଲି ଆଇନଜୀବୀମାନେ ଚେତାବନୀ ଦେଇଥିଲେ ।

### ଡ୍ରାଇଭର ସଂଘଙ୍କ ଷ୍ଟିୟରିଂ ଛାଡ୍ ଆନ୍ଦୋଳନ ସ୍ଥଗିତ

## ଜିଲ୍ଲାରେ ବସ୍ ଚଳାଚଳ ଆରମ୍ଭ

ରାଉରକେଲା,(ନିପ୍ର): ଜୁଲାଇ ୮ ତାରିଖ ଠାରୁ ଆରମ୍ଭ ହୋଇଥିବା ଡ୍ରାଇଭର ସଂଘଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ ସ୍ଥଗିତ ହୋଇଛି । ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଥିବା ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ, ବିଶ୍ରା, ରାଜଗାଙ୍ଗପୁର, ସୁନ୍ଦରଗଡ଼, କୁଆଁରମୁଣ୍ଡା, ବୀରମିତ୍ରପୁର, ନୂଆଗାଁ, ହାତୀବାରି, ଚାନ୍ଦିପୋଷ, ଝିରପାଣି, ଜଗଦା, ବେଦବ୍ୟାସ ସମେତ ସୁନ୍ଦରଗଡ଼ରେ ବସ୍ ଚଳାଚଳ ଆରମ୍ଭ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାରେ ବସ୍ ଦ୍ୱାରା ପରିବହନ ହେଉଥିବା ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ସମେତ ଅନ୍ୟାନ୍ୟ ସାମଗ୍ରୀ ଗତ କିଛି ଦିନ ଧରି ବସ୍ ଷ୍ଟାଣ୍ଡରେ ପଡ଼ି ରହିଥିଲା ।ବସ୍ ଚଳାଚଳ ଆରମ୍ଭ ହୋଇଥିବାରୁ, ସେଗୁଡିକର ପରିବହନ ଆଜିଠାରୁ ଆରମ୍ଭ ହୋଇଛି । ଧୀରେ ଧୀରେ ନୂତନ ବସ୍ ଷ୍ଟାଣ୍ଡରୁ ବସ୍ ମାଧ୍ୟମରେ ସାମଗ୍ରୀ



ପରିବହନ କରାଯାଉଛି । ନୂତନ ବସ୍ ଷ୍ଟାଣ୍ଡରେ ଯାତ୍ରୀଙ୍କ ଭିଡ଼ ସ୍ୱାଭାବିକ ଭାବରେ ହ୍ରାସ ପାଉଛି । ଟିକେଟ କାଉଣ୍ଟରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି । ଖୁବ୍ ଶୀଘ୍ର ଲମ୍ବା ରୁଟ୍ ବସ୍ ଆରମ୍ଭ ହେବାର ସମ୍ଭାବନା ରହିଛି, ଯାହା ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆନନ୍ଦର ପରିବେଶ ଦେଖିବାକୁ ମିଳୁଛି । ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁଁ ଗତ କିଛି ଦିନ ଧରି ସୁନ୍ଦରଗଡ଼ ଜିଲ୍ଲା ସମେତ ସମଗ୍ର ଓଡ଼ିଶାରେ ବସ୍, ଟ୍ରକ୍, ଟିପ୍ପର ଏବଂ ଦୂରଗାମୀ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ବର୍ତ୍ତମାନ ସ୍ଥାନୀୟ ବସର ସମୟ ସୁନ୍ଦରଗଡ଼ ଜିଲ୍ଲାରେ ଚାଲୁଥିବା ବସରୁ ହିଁ ଆରମ୍ଭ ହୋଇଛି ।

## ଗଞ୍ଜାମ ଜିଲ୍ଲାରେ ଅଣାୟତ୍ତ ଝାଡ଼ାବାନ୍ତି

ବ୍ରହ୍ମପୁର( ନିପ୍ର )ଗଞ୍ଜାମ ଜିଲ୍ଲାରେ ଅଣାୟତ ଝାଡ଼ାବାନ୍ତି ୧୫ଦିନ ମଧ୍ୟରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଜିଲ୍ଲାର ୪ଟି ବ୍ଲକ ସାନଖେମୁଣ୍ଡି, ପାଟପୁର,ଦିଗପହଣ୍ଡି,ପାତ୍ରପୁର ଅଞ୍ଚଳର ୮୦ରୁ ଉର୍ଦ୍ଧ ଲୋକ ଝାଡାବାନ୍ତି ରେ ଆକ୍ରାନ୍ତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି ହୋଇଛନ୍ତି । ୧୫ରୁ ଉର୍ଦ୍ଧ ଲୋକ ବ୍ରହ୍ମପୁର ବଡ଼ ମେଡ଼ିକାଲ ରେ ଚିକିତ୍ସିତ ହେଉଛନ୍ତି । ଆଜି ଦେଢ଼ ବର୍ଷର କୁନି ଝିଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । କିଛି ଦିନ ପୂର୍ବେ ଦିଗପହଣ୍ଡି ଉପ୍ପଲ୍ଲୀ ଗ୍ରାମର ଏକ ଦେଢ ବର୍ଷର କୁନି ଝିଅ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ । ଗୁରୁବାର ଦିନ ସୁସ୍ଥ ହେଇ ଘରକୁ ଫେରିଥିଲେ କିନ୍ତୁ ଆଜି ଉକ୍ତ କୁନି ଝିଅର ମୃତ୍ୟୁ ହୋଇଛି । ମୃତ ଜଣକ ହେଲେ ବବୁଲି ଶବର ।

## ମା ବନଦୁର୍ଗା ଗୁରୁକୁଳମ୍ ଉଦ୍‌ଘାଟିତ




ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ବିଶ୍ୱନାଥ ରଥଙ୍କ ଦ୍ୱାରା ମା ବନଦୁର୍ଗା ଗୁରୁକୁଳମ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ସମ୍ମାନିତ ଅତିଥି ଶିକ୍ଷାବିତ୍ ଚକ୍ରଧର ତ୍ରିପାଠୀଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଅଧ୍ୟାପକ ଡଃ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ ଏବଂ ବେଦ ବିଦ୍ୟା ଅଧ୍ୟୟନ ଓ ବୈଦିକ ସଂସ୍କୃତି ପରମ୍ପରା ସୁରକ୍ଷା ଦ୍ୱାରା ବିଶ୍ୱର କଲ୍ୟାଣ, ଦେଶ ଓ ପରିବେଶର ସୁରକ୍ଷା, ସମାଜ ତଥା ବ୍ୟକ୍ତି ର ଶାରୀରିକ, ମାନସିକ, ଆଧ୍ୟାତ୍ମିକ, ଭୌତିକ ବିକାଶ ହୋଇଥାଏ ବୋଲି ଅତିଥିମାନେ ମତ ଦେଇଥିଲେ । ସାମ୍ବାଦିକ ହିମାଂଶୁ ଭୁଷଣ ଚମ୍ପତିରାୟ, ମାନସ ଚନ୍ଦ୍ର ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ । ସୀତାକାନ୍ତ ଦାଶଙ୍କୁ ଅଧ୍ୟାପକ ରୂପେ ନିଯୁକ୍ତି କରାଯାଇଥିଲା । ଡଃ କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ପଣ୍ଡିତ ନଳିନୀ କାନ୍ତ ନନ୍ଦ, ପଣ୍ଡିତ ବସନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ ।

ତିଥି : (ଦ୍ୱିତୀୟା) : (ଉତ୍ତରଷାଢ଼ା ମକର)
ଅମୃତବେଳା: ଦିବା ଘ୩।୪୩ ଗତେ ଘ ୬।୧୩ ମଧ୍ୟେ

## ଆଜିର ଅନୁଚିନ୍ତନ

ମୋର ମତ ଯେ ମୋର ଜୀବନ ସମଗ୍ର ବିଶ୍ୱ ପାଇଁ । ଯେତେଦିନ ପର୍ଯ୍ୟନ୍ତ ମୁଁ ଏଠାରେ ବଞ୍ଚିଛି, ଯେତିକି ଭଲ କରିପାରିବି ତାହା ହେଉଛି ମୋର ଜୀବନ - ଜର୍ଜ ବର୍ଣ୍ଡାଡ ସ

# ଗୋଟି ଚାଳନା ଲୋଡ଼ା

ଗତ ମେ' ରେ ପାକିସ୍ତାନର ସେନାଧକ୍ଷ ଅସିମ ମୁନିରଙ୍କୁ ଫିଲ୍ଡ ମାର୍ସାଲ ଭାବରେ ଅବସ୍ଥାପିତ କରାଯିବା ଉକ୍ତ ଦେଶର ଇତିହାସରେ ଦ୍ୱିତୀୟ ଥର ଘଟିବା ଦୃଷ୍ଟିରୁ ଭାରତର ଏହି ପଡ଼ୋଶୀ ରାଷ୍ଟ୍ରରେ କ୍ଷମତା ହସ୍ତାନ୍ତରଣର ପଦଧ୍ୱନି ଶୁଭିଲାଣି । ଏକ ସାମରିକ ବିଦ୍ରୋହ ପରେ ରାଷ୍ଟ୍ରପତି ପଦ ହାସଲ କରିବାର ବର୍ଷକ ପରେ ଜେନେରାଲ ଆୟୁବ ଖାଁ ଫିଲ୍ଡ ମାର୍ସାଲ ପଦକୁ ଉନ୍ନୀତ ହୋଇଥିଲେ, ଯାହା ଥିଲା ୧୯୫୯ ମସିହାର ଘଟଣା । ଘୃଣା ବ୍ୟଞ୍ଜକ ମନ୍ତବ୍ୟ ଭାରତ ଉଦ୍ଦେଶ୍ୟରେ ଦେବା ପରେ ପହଲଗାମ ଘଟଣା ଘଟିବା ପଛର 'ନାୟକ' ଥିଲେ ମୁନିର । ତାହାର ପରବର୍ତ୍ତୀ ସମୟରେ ଅପରେସନ ସିନ୍ଦୂରରେ ପାକିସ୍ତାନ, ତୁର୍କୀ ଓ ଚୀନ ନିର୍ମିତ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ସତ୍ତ୍ୱେ ଭାରତ ଉକ୍ତ ରାଷ୍ଟ୍ରର ଆତଙ୍କବାଦୀ ଆଡ୍ଡାଗୁଡ଼ିକ ଉପରେ ଲଗାତାର ଆକ୍ରମଣ କରିଥିଲା । ଏପରି ନକାରାତ୍ମକ ସ୍ଥିତିରେ ଫିଲ୍ଡ ମାର୍ସାଲ ପଦକୁ ମୁନିର ଉନ୍ନୀତ ହେବା ସୂଚାଏ ପାକ୍‌ର ସ୍ୱାସ୍ଥ୍ୟ ଆଦୌ ଭଲ ନାହିଁ । ଯଦିଓ ରାଷ୍ଟ୍ରପତି ଆସନରେ ଅସିଫ ଅଲ୍ଲୀ ଜର୍ଦ୍ଦାରୀ ଅଛନ୍ତି, ତାଙ୍କର କାଟ୍‌ତି ନାହିଁ । ଯେଉଁସବୁ ତତ୍ତ୍ୱ ଫିଲ୍ଡ ମାର୍ସାଲ ପଦକୁ ମୁନୀରଙ୍କୁ ନେବାରେ ସହାୟତା କରିଥିଲା, ଯଦିଓ ତାହା ରହସ୍ୟାବୃତ୍ତ ରହିଛି, ସେହି ରହସ୍ୟ ଭିତରେ ହ୍ୱାଇଟହାଉସ ଠାରେ ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ହୁଏତ ମୁନୀରଙ୍କ ପାଇଁ ଆଗକୁ ସମ୍ଭାବ୍ୟ ବିଦ୍ରୋହୀର ବୀଜ ବୁଣୁଛି, ଏପରି ହିଁ ମନେ ହେଉଛି ।

ଏପରି ମନେ କରିବାର କାରଣ ହିଁ ରହିଛି । ପାକ୍‌ର ସେନା ମୁଖ୍ୟଙ୍କୁ ଆମେରିକା ପ୍ରଥମ ଥର ପାଇଁ ଲଞ୍ଚକୁ ଆମନ୍ତ୍ରଣ କରିବା ସୂଚାଉଛି ଯେ ଅନ୍ତରୀଣ ସ୍ରୋତ ଭିତରେ ଭିତରେ ଚାଲିଛି ଯାହା ପରିବର୍ତ୍ତନକୁ ଇଙ୍ଗିତ କରୁଛି ଏବଂ ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କ ଆଦୃତି ନ ଥିବା କାରଣରୁ ହୁଏତ ଆଗକୁ ଜର୍ଦ୍ଦାରୀ କୌଣସି ପ୍ରକାର ପଦ ହରାଇଲେ, ସେହି ସ୍ଥାନରେ ମୁନୀର ହେବେ ପାକିସ୍ତାନର ଅନ୍ଧ ଲହୁଡ଼ି । ଜର୍ଦ୍ଦାରୀଙ୍କ ପ୍ରତି ମୁନୀର ଅସନ୍ତୁଷ୍ଟ ରହିବାର କାରଣ ଯେ କୁହାଯାଉଛି ତାଇୱାନ ପ୍ରସଙ୍ଗରେ ଚୀନକୁ ଜର୍ଦ୍ଦାରୀ ସମର୍ଥନ କରୁଛନ୍ତି, ଅଥଚ ମୁନୀର ଆମେରିକାକୁ ଗୋପନରେ ସମର୍ଥନ କରୁଛନ୍ତି । ଯେଉଁମାନେ ଉଦ୍‌ବେଗର କାରଣ ସାଜିଛନ୍ତି, ସେମାନେ ତଡ଼ା ଖାଇବେ । ପାକ୍ ବୈଦେଶିକ ମନ୍ତ୍ରୀ ବିଲୱାଲ ଭୁଟ୍ଟୋ ଜର୍ଦ୍ଦାରୀ ନିକଟରେ ଏକ ଗଣମାଧ୍ୟମକୁ ସାକ୍ଷାତକାରରେ ଏପରି କହିଥିଲେ । ଏଲ୍‌ଟି ମୁଖ୍ୟ ହାଫିଜ ସୟଦ ଓ ଜେଇଏମ୍‌ର ଜୈଶ-ଇ-ମହମ୍ମଦଙ୍କୁ ପ୍ରତ୍ୟର୍ପଣ ପ୍ରସଙ୍ଗରେ ପାକିସ୍ତାନ ପିପୁଲ୍‌ସ ପାର୍ଟିର ଅଧ୍ୟକ୍ଷ ତଥା ବୈଦେଶିକ ମନ୍ତ୍ରୀ ବିଲୱାଲ ଭୁଟ୍ଟୋ ଜର୍ଦ୍ଦାରୀ ଏକଦା କହିଥିଲେ ପାକ୍ ସହ ଆତଙ୍କବାଦ ସଂପୃକ୍ତ ଆଲୋଚନାବେଳେ ଏ ପ୍ରସଙ୍ଗ ପ୍ରତ୍ୟାଖ୍ୟାତ ହେବନାହିଁ । ଏଥିରେ ଚିହିଁକି ଉଠି ହାଫିଜ ସୟଦ ପୁଅ ତଲ୍‌ହା, ଭୁଟ୍ଟୋଙ୍କୁ ପ୍ରକୃତ ମୁସଲମାନ ନୁହେଁ ବୋଲି ସମାଲୋଚନା କରିଥିଲା । କେବଳ ସେତିକି ନୁହେଁ ବିଲୱାଲଙ୍କ ବଂଶ ବୁନିୟାଦିଙ୍କୁ ଏ ପ୍ରସଙ୍ଗରେ ସେ ସମାଲୋଚନା କରି କହିଥିଲା ଜାତୀୟ ସ୍ୱାର୍ଥ ଭୂ-ଲୁଣ୍ଠିତ କରିବାରେ ବିଲୱାଲଙ୍କ ପରିବାର କାମ କରୁଛି ଓ ଏହା ତାହାର ଡିଏନ୍‌ଏରେ ରହିଛି ।

ସୁତରାଂ ଜଣାପଡୁଛି ବିଲୱାଲଙ୍କ ମନ୍ତବ୍ୟ ପଛଦ୍ୱାର ଶକ୍ତି ବୁଝାମଣାର ହୁଏତ ପରିଣାମ । ଉଲ୍ଲେଖ କରାଯାଇପାରେ ଯେ ଏକଦା ଜେନେରାଲ ଜିଆ ଉଲ୍ ହକ୍ ତତ୍କାଳୀନ ପାକ୍ ପ୍ରଧାନମନ୍ତ୍ରୀ ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କ ବିରୋଧରେ ସାମରିକ ବିଦ୍ରୋହ କରିଥିଲେ । ୧୯୯୯ର ପାକ୍‌ର ତତ୍କାଳୀନ ସେନାଧକ୍ଷ ପରଭେଜ ମୁସାରଫ ପାକ୍‌କୁ କବ୍‌ଜାକୁ ନେଇ ୨୦୦୧ରେ ଏହି ରାଷ୍ଟ୍ରରେ ରାଷ୍ଟ୍ରପତି ଆସନ ଅଳଂକୃତ କରିଥିଲେ । ସୁତରାଂ ଯେଉଁ କଳ୍ପନାଜଳ୍ପନା ଚାଲିଛି ତାହା ଯଦି ସତ ହୁଏ, ମୁନୀରଙ୍କ ହିଁ ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କୁ ହଟାଇ ପୁଣି ଏକ ଇତିହାସ ରଚିବେ । ସେତେବେଳେ ଭାରତ ବିରୋଧରେ ଆମେରିକା ସହାୟତାରେ ସେ ଧମକଚମକ ଦେଖାଇବା ହୁଏତ ଅସମ୍ଭବ ହୋଇନପାରେ, ତେଣୁ ଭାରତ ପକ୍ଷେ ଗୋଟି ଚାଳନା ନେଇ ବେଳ ହୁଁ ଅତ୍ୟନ୍ତ ସତର୍କତା ଲୋଡ଼ା ପଡୁଛି ।

# ଜନବହୁଳ ଭାରତ ଓ ବିପଦସଂକୁଳ ଅର୍ଥନୀତି

ରବୀନ୍ଦ୍ରନାଥ ଯୋଷୀ

ବିଶେଷଜ୍ଞଙ୍କ ମତରେ ଏହି ଧାରାରେ ଜନସଂଖ୍ୟା ବୃଦ୍ଧି ଘଟିଲେ ୨୦୮୦ ମସିହା ବେଳକୁ ସମଗ୍ର ବିଶ୍ୱର ଜନସଂଖ୍ୟା ଏକ ହଜର କୋଟିକୁ ଅତିକ୍ରମ କରିସାରିଥିବ ଏବଂ ଭାରତରେ ମଧ୍ୟ ୨୦୫୦ ମସିହା ବେଳକୁ ୧୭୦ କୋଟିକୁ ଅତିକ୍ରମ କରିସାରିଥିବ । ଏହି ଅଭିବୃଦ୍ଧି ଦେଶର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ବିକାଶର ଧାରାକୁ ନିଶ୍ଚିତ ଭାବରେ ପ୍ରଭାବ ପକାଇବ । ବର୍ତ୍ତମାନ ଭାରତରେ ଶିକ୍ଷା ଓ ବୈଷୟିକ ଜ୍ଞାନ କୌଶଳର ବିକାଶ ହେତୁ ତାର ଅର୍ଥନୀତିରେ ବ୍ୟାପକ ସୁଧାର ଆସିଛି । ସାମାଜିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଦେଶ ଅଗ୍ରଗତି କରିଛି । କିନ୍ତୁ ଆଗାମୀ ଦିନରେ ଜନସଂଖ୍ୟା ବିସ୍ଫୋରଣର କୁପ୍ରଭାବ ପଡିବାର ଆଶଙ୍କା ରହିଛି । ଜନସଂଖ୍ୟା ନିୟନ୍ତ୍ରଣ ରହିଲେ ଗୋଟିଏ ଦେଶ ତାର ସାମଗ୍ରିକ ବିକାଶ କରିବାରେ ସମର୍ଥ ହୋଇଥାଏ । ଶିକ୍ଷା , ସ୍ୱାସ୍ଥ୍ୟ , କୃଷି, ଗମନାଗମନ , ଜଳସେଚନର ବିକାଶ ଘଟିବା ସହିତ ନାଗରିକଙ୍କ ସାମାଜିକ ସୁରକ୍ଷା ଦୃଢ଼ୀଭୂତ ହୋଇଥାଏ । ଦେଶର ପ୍ରତିରକ୍ଷା ଦିଗରେ ଉନ୍ନତି ଆସିଥାଏ । ବିଶ୍ୱର ବିକଶିତ ରାଷ୍ଟ୍ର ଗୁଡିକଙ୍କ ଜନସଂଖ୍ୟାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବିକାଶଶୀଳ ଦେଶ ମାନଙ୍କ ଜନସଂଖ୍ୟା ଅନୁପାତରେ ବହୁତ କମ୍ । ଉତ୍ତର



ଆମେରିକା ,ଦକ୍ଷିଣ ଆମେରିକା, ଇଉରୋପ, ଜାପାନ , ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ପ୍ରଭୃତି ବିକଶିତ ଅଞ୍ଚଳରେ ଜନସଂଖ୍ୟା ନିୟନ୍ତ୍ରିତ ଅଛି । ଫଳରେ ସେହି ଦେଶମାନଙ୍କରେ ଅର୍ଥନୀତି ସ୍ୱଚ୍ଛଳ ରହିଛି । ଜନସଂଖ୍ୟା ବୃଦ୍ଧି ଘଟିଲେ ଆଲୋଚିତ ଦିଗ ଉପରେ ପ୍ରଭାବ ପଡିଥାଏ । ଯେ କୌଣସି ସ୍ଥାନର ଏକ ନିର୍ଦ୍ଦିଷ୍ଟ ଧାରଣ କ୍ଷମତା ଥାଏ । ଏହି ଧାରଣ କ୍ଷମତାର ସୀମା ଅତିକ୍ରମ ଘଟିଲେ ସେଠାରେ ବ୍ୟତିକ୍ରମ ଦେଖାଦେବା ସ୍ୱାଭାବିକ କଥା ଅଟେ । ଜନସଂଖ୍ୟା ବୃଦ୍ଧି କେବଳ ଏହାର ବିକାଶ ଉପରେ ପ୍ରଭାବ ପକାଇନଥାଏ ଏହା ସହିତ ଅନେକ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଘଟିଥାଏ । ବେକାରି ସମସ୍ୟା, ଅପରାଧ ବୃଦ୍ଧି, ଜଂଗଲ କ୍ଷତି ସହିତ ପରିବେଶ ଉପରେ ଏହାର କୁପ୍ରଭାବ ଅନୁଭୁତ ହୋଇଥାଏ । ଜନସଂଖ୍ୟା ଆବଶ୍ୟକତା ଭିତରେ ସୀମିତ ରହିଲେ ଏହା ମାନବ ସମ୍ବଳ ଭାବରେ ପରିଗଣିତ ହେବା ସହିତ ସମାଜର ମଙ୍ଗଳ ସାଧନରେ ବ୍ୟବହୃତ ହୋଇପାରିବ । ଅତ୍ୟଧିକ ଜନସଂଖ୍ୟା ସମାଜର କ୍ଷତି ସାଧନ କରିଥାଏ ।

ଆମ ଦେଶ ଏବେବି ଏକ ଘଡିସନ୍ଧି ମୁହୂର୍ତ୍ତରେ ଗତି କରୁଛି । ବର୍ତ୍ତମାନ ଦେଶ ଖାଦ୍ୟ ଶସ୍ୟ ଉତ୍ପାଦନରେ ଏକ ବଳକା ରାଷ୍ଟ୍ର ହୋଇପାରିଛି କିନ୍ତୁ ବେକାରି ସମସ୍ୟା ଉତ୍କଟ ରୂପ ନେଇ ସାରିଛି । ଅର୍ଥନୀତି ପ୍ରଭାବିତ ହୋଇଛି । ଆଜି ଗ୍ରାମୀଣ ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡିସାରିଛି । ଚାଷଜମିର ପରିମାଣ କମିଛି । ଜଂଗଲ ଜମି ନଷ୍ଟ ହୋଇଛି । କେବଳ କୃଷିକ୍ଷେତ୍ରରେ ଆଧୁନିକ ପଦ୍ଧତିର ପ୍ରୟୋଗ ଯୋଗୁଁ ଯଦିଓ ଖାଦ୍ୟ ସମସ୍ୟା ଦେଖାଦେଇ ନାହିଁ କିନ୍ତୁ ଆଗାମୀ ଦିନରେ ଏହା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ବର୍ତ୍ତମାନ ଭାରତ ତାର ସର୍ବାଙ୍ଗୀନ ବିକାଶ ପାଇଁ ଦ୍ରୁତ ଗତିରେ ଆଗେଇଛି । ଅନ୍ୟ ବିକଶିତ ରାଷ୍ଟ୍ରମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଶୀର୍ଷ ସ୍ଥାନକୁ ଧାବମାନ ହେଉଛି । କିନ୍ତୁ ଦେଶରେ ଦେଖାଦେଇଥିବା ଜନସଂଖ୍ୟା ବିସ୍ଫୋରଣ ଏହି ବିକାଶ ପ୍ରକ୍ରିୟାକୁ ପଥରୋଧ କରୁଛି । । ଯଦି ଜନସଂଖ୍ୟା ନିୟନ୍ତ୍ରଣ ରହିଥାନ୍ତା ବହୁ ଆଗରୁ ଦେଶ ତାର ଲକ୍ଷ୍ୟସ୍ଥଳକୁ ପହଞ୍ଚି ସାରନ୍ତାଣି ।

ସିନାପାଲି (ଗୋଡାଲ ) ,ମୋ - ୮୦୧୮୧୮୦୩୮୧

# ବ୍ରିକ୍ସ ସମ୍ମିଳନୀର ଭବିଷ୍ୟତ କ'ଣ ?

ଡ. ଲକ୍ଷ୍ମଣ ସାହୁ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ ଉତ୍ସାହର ସହିତ ବ୍ରିକ୍ସ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ଭାରତ ପାଇଁ ୧୭ ତମ ବ୍ରିକ୍ସ ସମ୍ମିଳନୀର ସବୁଠାରୁ ବଡ଼ ସଫଳତା ଥିଲା । କାରଣ ବ୍ରିକ୍ସ ଦ୍ୱାରା ଜାରି ମିଳିତ ଘୋଷଣାନାମାରେ ପ୍ରତ୍ୟେକ ବର୍ଗର ଆତଙ୍କବାଦକୁ ଏକ ପ୍ରମୁଖ ପ୍ରସଙ୍ଗ କରାଯାଇଥିଲା । ମିଳିତ ବିବୃତିରେ ୨୨ ଏପ୍ରିଲରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଜଘନ୍ୟ ଆତଙ୍କବାଦୀ ହତ୍ୟାକାଣ୍ଡକୁ କଡ଼ା ଶବ୍ଦରେ ନିନ୍ଦା କରାଯାଇଥିଲା । ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ପ୍ରସ୍ତୁତ ମିଳିତ ବିବୃତି ଉଲ୍ଲେଖନୀୟ ।

ବ୍ରାଜିଲର ରିଓ ଡି ଜେନେରିଓରେ ଜୁଲାଇ ୬ ଏବଂ ୭ ରେ ୨୦୨୫ ର ,୧୭ ତମ ବ୍ରିକ୍ସ ସମ୍ମିଳନୀ ଓ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବ୍ରିକ୍ସ ସମ୍ମିଳନୀର ସଫଳ ସମାପ୍ତି ପରେ ରାଷ୍ଟ୍ରପତି ଟ୍ରମ୍ପ ପୁଣି ବ୍ରିକ୍ସ ସଂଗଠନ ଉପରେ ଆକ୍ରମଣ କରିଥିଲେ । ଓଡ଼ିଆ ବ୍ରିକ୍ସ ବିରୋଧରେ, ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ ଯେ ବ୍ରିକ୍ସ ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଅଧିକ ଶୁଳ୍କ ଲାଗୁ କରାଯିବ । ଏହି ୧୭ ତମ ବ୍ରିକ୍ସ ସମ୍ମିଳନୀର ବିଷୟବସ୍ତୁ ଥିଲା ଅଧିକ ଅନ୍ତର୍ଭୁକ୍ତ ଓ ସ୍ଥାୟୀ ଶାସନ ପାଇଁ ବିଶ୍ୱ ଦକ୍ଷିଣ ସହଯୋଗକୁ ସୁଦୃଢ଼ କରିବା । ଶିଖର ପରଦାରେ ଦେଖାଯାଇଥିବା ଚିତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନୀ ରାଷ୍ଟ୍ରପତି ମାସୁଦ ପେଜାଶକିୟାନ ଏବଂ ଇଜିପ୍ଟର ରାଷ୍ଟ୍ରପତି ଅବଦେଲ ଫତେହ ଅଲ-ସିସି ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇ ନଥିଲେ । କିଛି ଅନ୍ତର୍ଜାତୀୟ ବିଶ୍ଳେଷକ କହିଛନ୍ତି ଯେ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଅନୁପସ୍ଥିତି ପ୍ରକୃତରେ ବ୍ରାଜିଲର ବାମପନ୍ଥୀ ରାଷ୍ଟ୍ରପତି ଲୁଲା ଡି ସିଲଭାଙ୍କ ପାଇଁ ଏକ ବଡ଼ ରାଜନୈତିକ ଧକ୍କା । କାରଣ ଚୀନ୍ ହେଉଛି ବ୍ରାଜିଲର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ଏବଂ ବ୍ରିକ୍ସ ଭିତ୍ତିଭୂମି ମଧ ଚୀନ୍ ଦ୍ୱାରା ଆର୍ଥିକ ସହାୟତା ପ୍ରାପ୍ତ ।

୨୦୦୯ ମସିହାରେ ବ୍ରାଜିଲ, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକା ଦ୍ୱାରା ବ୍ରିକ୍ସ ପ୍ରତିଷ୍ଠିତ ହୋଇଥିଲା । ବ୍ରିକ୍ସ ମେଣ୍ଟ ଆଧୁନିକ ସମୟରେ ବିଶ୍ୱ ସ୍ତରରେ ସବୁଠାରୁ ଦ୍ରୁତତମ ବୃଦ୍ଧି ପାଉଥିବା ବିକଳ୍ପ ଅର୍ଥନୀତିର ପ୍ରତୀକ ହେବାକୁ ଯାଉଛି । ବ୍ରିକ୍ସ ଶବ୍ଦଟି ପ୍ରଥମେ ୨୦୦୧ ମସିହାରେ ବ୍ରିଟିଶ ଅର୍ଥନୀତିଜ୍ଞମାନେ ବିଶ୍ୱ ସ୍ତରରେ ବ୍ରାଜିଲ, ରୁଷ ଓ ଭାରତ ବ୍ୟବହାର କରିଥିଲେ ।

ସେ ସମୟରେ ଚୀନର ଉଦୀୟମାନ ଅର୍ଥନୀତି ମଧ ସେହିପରି ଥିଲା । ୨୦୦୯ ମସିହାରେ ପ୍ରଥମ ବ୍ରିକ୍ସ ସମ୍ମିଳନୀ ରୁଷରେ ଅନୁଷ୍ଠିତ ହୋଇଥିଲା । ବ୍ରିକ୍ସକୁ ପଶ୍ଚିମର ଆର୍ଥିକ ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ମିଳିତ ଭାବରେ ପ୍ରଶଂସା କରାଯାଇଛି । ୨୦୨୫ ମସିହାର ୧୭ ତମ ବ୍ରିକ୍ସ ସମ୍ମିଳନୀରେ, କିନ୍ତୁ ରୁଷ, ଚୀନ୍, ଇରାନ ଓ ଇଜିପ୍ଟର ଶୀର୍ଷ ନେତାଙ୍କ ଆଶ୍ଚର୍ଯ୍ୟଜନକ ଅନୁପସ୍ଥିତି ଯୋଗୁଁ ବ୍ରିକ୍ସର ଭବିଷ୍ୟତ ଉଠାଯାଇ ନାହିଁ କି ? ଚୀନ୍ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ, ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭରୋଭ ଓ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ନିଶ୍ଚିତ ଭାବରେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଆସିଥିବେ ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ ଉତ୍ସାହର ସହିତ ବ୍ରିକ୍ସ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ଭାରତ ପାଇଁ ୧୭ ତମ ବ୍ରିକ୍ସ ସମ୍ମିଳନୀର ସବୁଠାରୁ ବଡ଼ ସଫଳତା ଥିଲା । କାରଣ ବ୍ରିକ୍ସ ଦ୍ୱାରା ଜାରି ମିଳିତ ଘୋଷଣାନାମାରେ ପ୍ରତ୍ୟେକ ବର୍ଗର ଆତଙ୍କବାଦକୁ ଏକ ପ୍ରମୁଖ ପ୍ରସଙ୍ଗ କରାଯାଇଥିଲା । ମିଳିତ ବିବୃତିରେ ୨୨ ଏପ୍ରିଲରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଜଘନ୍ୟ ଆତଙ୍କବାଦୀ ହତ୍ୟାକାଣ୍ଡକୁ କଡ଼ା ଶବ୍ଦରେ ନିନ୍ଦା କରାଯାଇଥିଲା । ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ପ୍ରସ୍ତୁତ ମିଳିତ ବିବୃତି ଉଲ୍ଲେଖନୀୟ ।

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଡିଆରି ଜାଫର ଏକ୍ସପ୍ରେସ ଅପହରଣ ଘଟଣାକୁ ଏକ ଆତଙ୍କବାଦୀ ଘଟଣା ଭାବରେ ଉଲ୍ଲେଖ କରାଯାଇଥିବାରୁ, ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ନୃଶଂସ ହତ୍ୟାକାଣ୍ଡକୁ ସମ୍ପୂର୍ଣ୍ଣ ଅଣଦେଖା




କରାଯାଇଥିଲା । ୧୭ତମ ବ୍ରିକ୍ସ ସମ୍ମିଳନୀ ଦ୍ୱାରା ଜାରି ହୋଇଥିବା ମିଳିତ ବିବୃତ୍ତିକୁ ଭାରତ ପାଇଁ ଏକ କୂଟନୈତିକ ବିଜୟ ଭାବରେ ଦେଖାଯିବା ଉଚିତ । ୧୭ତମ ବ୍ରିକ୍ସ ସମ୍ମିଳନୀର ଇସ୍ତାହାରରେ ବିଶ୍ୱ ଶାସନ ସଂସ୍କାର ଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ଥିରତା ପର୍ଯ୍ୟନ୍ତ ସବୁକିଛି ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମ୍ମିଳନୀରେ ଏକପାଖିଆ ଶୁଳ୍କ ଓ ଅଣ-ଶୁଳ୍କ ଭଳି ପ୍ରସଙ୍ଗ ଉପରେ ମଧ ଗଭୀର ଆଲୋଚନା କରାଯାଇଥିଲା । ତଥାପି ବ୍ରିକ୍ସ ଇସ୍ତାହାରରେ ଏହି ପରିପ୍ରେକ୍ଷୀରେ ସିଧାସଳଖ ଆମେରିକାର ନାମ ନିଆଯାଇ ନାହିଁ ।

ଉଲ୍ଲେଖନୀୟ ଯେ ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟ ଦେଶ ହେଉଛି ବ୍ରାଜିଲ, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକା । ଏହା ପରେ, ଇଜିପ୍ଟ, ଇଥିଓପିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଓ ଇଣ୍ଡୋନେସିଆକୁ ବ୍ରିକ୍ସ ସଦସ୍ୟ ଦେଶ କରାଯାଇଥିଲା । କ୍ୟୁବା ଓ ବଲିଭିଆ ହେଉଛି ବ୍ରିକ୍ସ ସହଯୋଗୀ ଦେଶ । ବ୍ରିକ୍ସ ଦେଶମାନଙ୍କରେ ବିଶ୍ୱର ମୋଟ ଜନସଂଖ୍ୟାର ୪୫ ପ୍ରତିଶତ ଅଛନ୍ତି । ବିଶ୍ୱ ଜିଡିପିର ୩୭.୩ ପ୍ରତିଶତ ବ୍ରିକ୍ସ ଦେଶମାନଙ୍କରେ ରହିଛି । ଯେତେବେଳେ ଜି-୭ ( ଏ-୭ ) ଦେଶଗୁଡ଼ିକର ବିଶ୍ୱ ଜିଡିପିରେ ପ୍ରାୟ ୨୯.୩ ପ୍ରତିଶତ ଅଂଶ ରହିଛି । ଏହି ଦୃଷ୍ଟିକୋଣରୁ ବ୍ରିକ୍ସ ହେଉଛି ବିଶ୍ୱସ୍ତରରେ ସବୁଠାରୁ ବଡ଼ ଆର୍ଥିକ ଶକ୍ତି ।

ଏହା ଏକ ଅନ୍ତର୍ଜାତୀୟ ସଂଗଠନ । ଶକ୍ତି ଦୃଷ୍ଟିରୁ ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଭଳି ବ୍ରିକ୍ସ ସଦସ୍ୟ ଦେଶ ବିଶ୍ୱସ୍ତରରେ ପ୍ରାୟ ୪୪ ପ୍ରତିଶତ ଅଶୋଧିତ ତୈଳ ଉତ୍ପାଦନ କରନ୍ତି । ବିଶ୍ୱରେ ସମସାମୟିକ ଭାବରେ ଆମେରିକା ଓ ପଶ୍ଚିମ ଅର୍ଥନୈତିକ କ୍ଷେତ୍ରରେ ଓ ସାମରିକ କ୍ଷେତ୍ରରେ କ୍ଷମତା ଭାବର ପ୍ରାଧାନ୍ୟ ବିସ୍ତାର କରିଚାଲିଛନ୍ତି । ଏହି ବିଶ୍ୱରେ ବ୍ରିକ୍ସର ପ୍ରାସଙ୍ଗିକତା ଆହୁରି ବୃଦ୍ଧି ପାଏ । ଉଲ୍ଲେଖନୀୟ ଯେ ଇଥିଓପିଆ ଓ ଇରାନକୁ ଛାଡି ଅନ୍ୟ ସମସ୍ତ ବ୍ରିକ୍ସଦେଶ ମଧ ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟ ଦେଶ ।

ବିଶ୍ୱ ବାଣିଜ୍ୟ ସଂଗଠନ ସର୍ବଦା ଆମେରିକା ଓ ପଶ୍ଚିମ ଦେଶମାନଙ୍କ ଦ୍ୱାରା ପ୍ରାଧାନ୍ୟ ବିସ୍ତାରିତ ହୋଇଆସିଛି । ବ୍ରିକ୍ସ ଦେଶଗୁଡ଼ିକ ମିଳିତ ଭାବରେ ଏହି ପ୍ରଭୁତ୍ୱକୁ ଚ୍ୟାଲେଞ୍ଜ କରିପାରିବେ । ଉଲ୍ଲେଖନୀୟ ଯେ ବ୍ରିକ୍ସ ଦେଶଗୁଡ଼ିକର ସାମୂହିକ ଭାବରେ ବିଶ୍ୱ ବାଣିଜ୍ୟରେ ପ୍ରାୟ ୨୦ ପ୍ରତିଶତ ଅଂଶ ରହିଛି । କିନ୍ତୁ ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ପାରସ୍ପରିକ ବାଣିଜ୍ୟ ଏବେ ବି ମାତ୍ର ତିନି ପ୍ରତିଶତର ନିମ୍ନସ୍ତରରେ ଅଛି ।

ବିଶ୍ୱ ବାଣିଜ୍ୟରେ ଚୀନର ଭୌଗୋଳିକ ବିଚ୍ଛିନ୍ନତା ଓ ପ୍ରାଧାନ୍ୟ ଆଉ ଏକ ପ୍ରମୁଖ ସମସ୍ୟା ହୋଇଛି । ଇରାନ, ରୁଷ ଓ ଚୀନ୍ ଭଳି କିଛି ବ୍ରିକ୍ସ ଦେଶ ନିଜସ୍ୱ ମୁଦ୍ରାରେ ଅନ୍ତର୍ଜାତୀୟ ବାଣିଜ୍ୟ କରୁଛନ୍ତି । ୨୦୨୪ କାଜାନରେ ବ୍ରିକ୍ସ ସମ୍ମିଳନୀରେ, ଏକ ସାଧାରଣ ବ୍ରିକ୍ସ ମୁଦ୍ରା ପ୍ରଚଳନ ବିଷୟରେ ଗଭୀର ଆଲୋଚନା କରାଯାଇଥିଲା । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶକ୍ତ ବିଶ୍ୱ ବାଣିଜ୍ୟରେ ଡଲାର ବିପକ୍ଷରେ ବ୍ରିକ୍ସ ମୁଦ୍ରା ପରିଚାଳନା ପ୍ରସ୍ତାବକୁ ସେ କ'ଣ ପରିଚାଳନା କରିଥିଲେ ? ସେ ଏକ ଦୃଢ଼ ଆକ୍ରମଣ କରିଥିଲେ ଓ କହିଥିଲେ ଯେ ଯଦି ବ୍ରିକ୍ସ ମୁଦ୍ରାର ପରିଚାଳନା ଆରମ୍ଭ ହୁଏ, ତେବେ ଆମେରିକା ବ୍ରିକ୍ସ ଦେଶଗୁଡ଼ିକ ବିରୁଦ୍ଧରେ କଠୋର ପଦକ୍ଷେପ ନେବ । ବ୍ରିକ୍ସ ଏକ ବ୍ୟାଙ୍କିଂ ବ୍ୟବସ୍ଥା ବିଷୟରେ ଆଲୋଚନା କରୁଛି ଯାହା ଡଲାର ସହିତ ସମକକ୍ଷ ହେବ ।

ଏହି କାରଣରୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବ୍ରିକ୍ସରେ ଆମେରିକୀୟ ବିରୋଧୀ ଭାବରେ ଦେଖାଯାଏ । ତଥାପି ଏହି ବ୍ୟାଙ୍କିଂ ବ୍ୟବସ୍ଥା ଉପରେ ଆଜି ପର୍ଯ୍ୟନ୍ତ କୌଣସି ସହମତି ହୋଇପାରିନାହିଁ । ପ୍ରକୃତରେ ବ୍ରିକ୍ସ ଦେଶଗୁଡ଼ିକ ହେଉଛି ଭିନ୍ନ ଭିନ୍ନ ବିଚାରଧାରା ଓ ଭିନ୍ନ ଶାସନ ବ୍ୟବସ୍ଥା ଥିବା ଦେଶ ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ ଏକାଠି ହୋଇଛନ୍ତି ।

ସଦସ୍ୟ ଦେଶମାନେ ସେମାନଙ୍କର ଆଭ୍ୟନ୍ତରୀଣ ବିରୋଧାଭାବ ଓ ମତଭେଦକୁ କହିବାକୁ ଗଲେ ଭଲ ଭାବରେ ସମାଧାନ କରନ୍ତି । ପାରସ୍ପରିକ ସହଯୋଗ ପାଇଁ ଏକ ସାଧାରଣ ଭୂମିକା ଯେଭଳି ଖୋଜନ୍ତି ତାହା ଉପରେ ବ୍ରିକ୍ସର ପ୍ରକୃତ ସଫଳତା ନିର୍ଭର କରେ । ସେମାନେ କିପରି ସେମାନଙ୍କର ଶକ୍ତିଶାଳୀ ଅର୍ଥନୈତିକ ଶକ୍ତିର ସଠିକ୍ ଲାଭ ଉଠାଇପାରିବେ ? ଯଦି ବ୍ରିକ୍ସ ବିଶ୍ୱସ୍ତରରେ ସଫଳ ହେବାକୁ ଚାହେଁ, ତେବେ ଏହାର ପ୍ରମୁଖ ସଦସ୍ୟ ଦେଶ ଭାରତ ଓ ଚୀନକୁ ସେମାନଙ୍କର ସମସ୍ତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବାକୁ ପଡିବ । ଚୀନକୁ ମଧ୍ୟ ଏହାର ବିସ୍ତାରବାଦୀ ପ୍ରକୃତି ପାଇଁ ଅନୁତାପ କରିବାକୁ ପଡିବ... !!!

କଟକ -୪
ମୋ: ୯୦୪୦ ୧୫୧୪ ୭୫

# ସମସ୍ତଙ୍କ ପାଇଁ ବିକାଶ ଓ ସଂକଳ୍ପର ଯାତ୍ରା

ହୃଷିକେଶ ପୁହାଣ

ଦେଶ ଏବଂ ବିଭିନ୍ନ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ନଗର ପଞ୍ଚାୟତ ଏବଂ ଅର୍ବାନ ଲୋକାଲ ବଡ଼ିରେ ଏହି ସଚେତନତାର ବାର୍ତ୍ତା ପ୍ରଚାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବିଶେଷ କରି ବିକଶିତ ଭାରତର ଭିଜନ ବା ଦୂରଦୃଷ୍ଟିକୁ ବାସ୍ତବ ରୂପାୟନ ଦେବା, ସମସ୍ତ ସ୍କିମର ଉପକାରିତା ଯେପରି ସବୁ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ ସେ ବିଷୟ ସୁନିଶ୍ଚିତ କରାଇବା ନିମନ୍ତେ ଏହି ଅଭିଯାନରେ ବିଭିନ୍ନ ମନ୍ତ୍ରାଳୟ / ସରକାରୀ ବିଭାଗ, ରାଜ୍ୟ ସରକାର, କେନ୍ଦ୍ର ସରକାରୀ ସଂସ୍ଥା ସକ୍ରିୟ ଭାବେ ସାମିଲ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୫ ବର୍ଷ ଭିତରେ ଭାରତକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେବା ଏବଂ ପରସ୍ପର ମଧ୍ୟରେ ସହଯୋଗ ଓ ସହାୟତାର ହାତ ବଢ଼ାଇବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଗରିବ, ନିଷ୍ପେସିତଙ୍କ ଠାରୁ ଆରମ୍ଭ କରି ସମାଜର ସବୁଠୁ ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭାରତ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଫ୍ଲାଗସିପ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏସବୁ ଯୋଜନାର ସଫଳ ରୂପାୟନ ନିଶ୍ଚିତ କରାଇବା ସକାଶେ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା ।

ଭାରତ ସରକାର କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟଗୁଡ଼ିକର ସହଯୋଗରେ ବିଭିନ୍ନ ଫ୍ଲାଗସିପ ଯୋଜନାର ସଫଳ ରୂପାନ୍ତର ତଥା ଠିକଣା କାର୍ଯ୍ୟକାରିତା ପାଇଁ ଏବେ ମିଶନ ଧାରାରେ କାମ ଆରମ୍ଭ କରିଛନ୍ତି । ପରିମଳ ସୁବିଧା ଅତ୍ୟାବଶ୍ୟକ ଆର୍ଥିକ ସେବା, ଏଲପିଜି ସଂଯୋଗ ସୁବିଧା, ଗରିବଙ୍କ ପାଇଁ ଘର, ଖାଦ୍ୟ ନିରାପତ୍ତା, ଉପଯୁକ୍ତ ପୁଷ୍ଟି, ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଗରିବ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ । ସମସ୍ତ ଯୋଗ୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ନିକଟରେ ଏସବୁ ସେବା ଯେପରି ନିଶ୍ଚିତ ପହଞ୍ଚିପାରିବ ସେଥିପାଇଁ ମିଶନ ମୋଡ଼ରେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ସମାଜର ତୃଣମୂଳସ୍ତରରେ ସବା ଶେଷ ଲୋକ ପାଖରେ ଯେପରି ଏସବୁ ମୌଳିକ ସେବା ପହଞ୍ଚିପାରିବ ସେଥିପାଇଁ ବିଭିନ୍ନ ଯୋଜନାର ଉପକାରିତା ଏବଂ ଏଥିରେ ଉପଲବ୍ଧ ସୁବିଧା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି ।

ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୂଳ ଆଭିମୁଖ୍ୟ ହେଲା ଅପହଞ୍ଚଙ୍କ ନିକଟରେ ପହଞ୍ଚିବା । ଯେଉଁମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯୋଜନାର ସୁଫଳ ପାଇବାକୁ ହକ୍‌ଦାର ଏବଂ ଯୋଗ୍ୟ କିନ୍ତୁ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି ସେମାନଙ୍କ ନିକଟରେ ପହଞ୍ଚିବା, ବିଭିନ୍ନ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ କରିବା ଏ କାର୍ଯ୍ୟକ୍ରମର ଲକ୍ଷ୍ୟ । ନାଗରିକ ବା ହିତାଧିକାରୀଙ୍କ ଠାରୁ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ବା ପ୍ରତିକ୍ରିୟା ଜାଣିବା ଏବଂ ଆବଶ୍ୟକ ସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ମଧ ଏହି ଯାତ୍ରାର ଉଦ୍ଦେଶ୍ୟ । ଜନଜାତୀୟ ଗୌରବ ଦିବସ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଜିଲ୍ଲାଗୁଡ଼ିକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଭ୍ରାମ୍ୟମାଣ ଯାନ ଜରିଆରେ ଏ ବିଷୟରେ ଲୋକଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଜାରି ରହିଛି । ଦେଶର ସବୁ ଜିଲ୍ଲାକୁ ଏହି ଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି ।

ଓଡ଼ିଶାରେ ନଭେମ୍ବର ୧୫ ବିର୍ସାମୁଣ୍ଡା ଜୟନ୍ତୀରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲାକାନାଗିରି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବେଶ୍ ସଫଳ ହୋଇଛି । ବର୍ତ୍ତମାନ ଏଲଇଡ଼ି ୱାଇ, ପ୍ରଚାର ପତ୍ର, ସେଲଫି ପଏଣ୍ଟ, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସଚିତ୍ର ସୂଚନା ଥିବା ୭୫ ଭ୍ରାମ୍ୟମାଣ ଯାନ ଓଡ଼ିଶାର ୩୦ ଜିଲ୍ଲାରେ ବୁଲି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛି । ଏହି ଅଭିଯାନରେ ଅତିରିକ୍ତ ୩୦ଯାନ ସାମିଲ କରାଯାଇ ମୋଟ ୧୦୫ଟି ଯାନରେ ରାଜ୍ୟର ୩୦ ଜିଲ୍ଲାର ୬୭୯୪ ଗ୍ରାମ ପଞ୍ଚାୟତକୁ ସଚେତନତା ଯାତ୍ରା କାର୍ଯ୍ୟକ୍ରମ ପହଞ୍ଚାଇବାର ଲକ୍ଷ୍ୟ ରହିଛି । ବିକଶିତ ଭାରତ ସଂକଳ୍ପ ଯାତ୍ରା ଅଭିଯାନରେ ପିଏମ ଉଜ୍ଜ୍ୱଳା, କୃଷି ବିଭାଗ, ପିଏମ ଜନଔଷଧି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ, ଡାକ ଏବଂ ବ୍ୟାଙ୍କ ଆଦି ବିଭିନ୍ନ ସ୍କିମର ପ୍ରଚାର ଷ୍ଟଲକୁ ସାମିଲ କରାଯାଇଛି । ପିଏମ ଜନଔଷଧି କାର୍ଯ୍ୟକ୍ରମ ଅଧୀନରେ ସାଧାରଣ ଲୋକମାନଙ୍କୁ ସ୍ୱଚ୍ଛ ମୂଲ୍ୟରେ ସିଲିଣ୍ଡର ସହ ଗ୍ୟାସ ସଂଯୋଗ ଏବଂ ଷ୍ଟୋଭ ଗୁଣାତ୍ମକ ଔଷଧ ଯୋଗାଇବାର ବ୍ୟବସ୍ଥା ହୋଇଛି । ହିତାଧିକାରୀ ଏହାର ସୁଯୋଗ ନେଇପାରୁଛନ୍ତି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ସ୍କିମ, ପିଏମ କିଷାନ ସମ୍ମାନ ନିଧି ଯୋଜନା, ପିଏମ ଉଜ୍ଜ୍ୱଳା, ହର ଘର ଜଳ, ପିଏମ ଆବାସ ଯୋଜନା, ଆତ୍ମନିର୍ଭର ଭାରତ ଆଦି ଯୋଜନାର ହିତାଧିକାରୀ ଏହି ଯାତ୍ରାକାଳରେ ସେମାନଙ୍କ ଅନୁଭୂତି ମଧ ବର୍ଣ୍ଣନା କରୁଛନ୍ତି । କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ଲାଗି ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯାନ କାଳରେ ଡ୍ରୋନ ଜ୍ଞାନକୌଶଳର ମଧ ପ୍ରଦର୍ଶନ କରାଯାଉଛି । ଏହା ବ୍ୟତୀତ କାର୍ଯ୍ୟକ୍ରମ ସ୍ଥଳରେ ଜାତୀୟ ଏକତା ଏବଂ ସଂହତି ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସ୍ଥାନୀୟ କଳାକାର ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ପକ୍ଷରୁ ସୂଚନାଧର୍ମୀ ତଥ୍ୟ ସମ୍ବଳିତ କାର୍ଯ୍ୟକ୍ରମ ପରିବେଷଣ ସହିତ ଜନସାଧାରଣଙ୍କୁ ସଚେତନ କରାଯାଉଛି । ହମାରା ସଂକଳ୍ପ ବିକଶିତ ଭାରତ ହେଉଛି ଏକ ଦେଶବ୍ୟାପୀ ଜନସଚେତନତା ଅଭିଯାନ ଯାହା ମାଧ୍ୟମରେ ସରକାରଙ୍କ ବିଭିନ୍ନ ସ୍କିମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହିତ ଯୋଜନାକୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବ ।

ଦେଶ ଏବଂ ବିଭିନ୍ନ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ନଗର ପଞ୍ଚାୟତ ଏବଂ ଅର୍ବାନ ଲୋକାଲ ବଡ଼ିରେ ଏହି ସଚେତନତାର ବାର୍ତ୍ତା ପ୍ରଚାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବିଶେଷ କରି ବିକଶିତ ଭାରତର ଭିଜନ ବା ଦୂରଦୃଷ୍ଟିକୁ ବାସ୍ତବ ରୂପାୟନ ଦେବା, ସମସ୍ତ ସ୍କିମର ଉପକାରିତା ଯେପରି ସବୁ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ ସେ ବିଷୟ ସୁନିଶ୍ଚିତ କରାଇବା ନିମନ୍ତେ ଏହି ଅଭିଯାନରେ ବିଭିନ୍ନ ମନ୍ତ୍ରଳାୟ / ସରକାରୀ ବିଭାଗ, ରାଜ୍ୟ ସରକାର, କେନ୍ଦ୍ର ସରକାରୀ ସଂସ୍ଥା ସକ୍ରିୟ ଭାବେ ସାମିଲ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୫ ବର୍ଷ ଭିତରେ ଭାରତକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେବା ଏବଂ ପରସ୍ପର ମଧ୍ୟରେ ସହଯୋଗ ଓ ସହାୟତାର ହାତ ବଢ଼ାଇବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ବିଶେଷକରି ଦେଶକୁ ୨୦୪୭ ମସିହା ସୁଦ୍ଧା ବିକଶିତ କରିବା ପାଇଁ ସମସ୍ତେ ନିଜର ସାଧ୍ୟ ଅନୁସାରେ ସହଯୋଗ କରିବା ଏବଂ ନିଜର ଦୂରଦୃଷ୍ଟି ଓ ସାମର୍ଥ୍ୟ ଦେଶ ହିତରେ ବିନିଯୋଗ କରିବାକୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଛନ୍ତି । ଏହି ଯାତ୍ରାକୁ ସଫଳ କରିବା କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଥାଇଲୋ, ଅଲିକଣ୍ଡା, ବାଲିକୁଦା, ଜଗତସିଂହପୁର-୭୫୪୧୦୮,
ମୋ : ୭୦୦୮୪୩୮୯୫୯

# ମୁଖ୍ୟ ଯନ୍ତ୍ରୀ ପରିଦର୍ଶନ କଲେ ଟିକିରା ନଦୀ ବନ୍ୟା ନିୟନ୍ତ୍ରଣ ସ୍ଥାନ

ଦେବଗଡ,୧୧।୭ (ନିପ୍ର); ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଜୋନ୍ ୨ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାହୁଙ୍କ ଅନୁରୋଧ କ୍ରମେ ଜଳସଂପଦ ବିଭାଗ (ବ୍ରାହ୍ମଣୀ ବେସନ)ର ମୁଖ୍ୟ ଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ବୁଢ଼ାପାଳ ନିକଟସ୍ଥ ଗାଡ଼ିଆପାଳ ଗ୍ରାମକୁ ଲାଗି ପ୍ରବାହିତ ହେଉଥିବା ଟିକିରା ନଦୀ ବନ୍ୟା ଜଳକୁ ନିୟନ୍ତ୍ରଣ କରିବା ନିମନ୍ତେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିଥିବା ବନ୍ଧ ହୁଡ଼ା ଓ ସୁଇସ୍ କାର୍ଯ୍ୟକୁ ଦେଖି ଏହା ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ସୂଚନା ଥାଉ କି ଉକ୍ତ କାର୍ଯ୍ୟ କରୁଥିବା ଠିକାଦାର ଜାଲ୍ ଟିଡିଆର ଦେଇଥିବାରୁ କାର୍ଯ୍ୟଟି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିଲା। ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଗାଡ଼ିଆପାଳ, କେରଜାଙ୍ଗ ସମେତ ଆଖପାଖ ସମସ୍ତ ଗ୍ରାମ ଟିକିରା ନଦୀର ବନ୍ୟା ଦାଉରୁ ରକ୍ଷା ପାଇବା ସଙ୍ଗେସଙ୍ଗେ ଚାଷ ଜମି ସବୁ ସୁରକ୍ଷିତ ରହିବା ଯୋଗୁଁ ସମସ୍ତ ଗ୍ରାମବାସୀ ଉପକୃତ ହେବେ ।

# ପିପୁଲସ କଲେଜରେ ଷ୍ଟାର୍ଟ ଅଫ ଓଡ଼ିଶା କାର୍ଯ୍ୟକ୍ରମ

ବୁଗୁଡା,୧୧।୭ (ନିପ୍ର); ବୁଗୁଡା ପିପୁଲସ କଲେଜର ସମ୍ମିଳନୀ କକ୍ଷରେ ଜୁଲାଇ ୧୦ ତାରିଖ ଦିନ ଷ୍ଟାର୍ଟ ଅଫ ଓଡିଶା ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏହି ନବଚିନ୍ତନ ଓ ସମସ୍ୟା ସମାଧାନ କୌଶଳ ବୃଦ୍ଧି ନିମନ୍ତେ ମାନସ ମନ୍ଥନ କାର୍ଯ୍ୟକ୍ରମରେ କଲେଜର ପ୍ରିନ୍ସପାଲ ଡକ୍ଟର ପୁରୁଷୋତ୍ତମ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମସ୍ତ ବିଭାଗର ମୁଖ୍ୟ ଅଧ୍ୟାପକ ବୃନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧନ କର୍ମୀ ଭାବେ ଅର୍ଥନୀତି ବିଭାଗ ଅଧ୍ୟାପକ ଶଙ୍କର କୁମାର ପରିଡା ଯୋଗଦେଇଥିବା ବେଳେ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଆତ୍ମପ୍ରକାଶ ନାୟକ ସହଯୋଗ କରିଥିଲେ। ଉଦଘାଟନୀ ଭାଷଣରେ ପ୍ରିନ୍ସପାଲ ଡକ୍ଟର ମିଶ୍ର ତାଙ୍କର ଜଣେ ବନ୍ଧୁ ବୁଲିଯାଇଥିବା ବେଳେ ବନ୍ଧୁଙ୍କ ଅର୍ଥ ଶେଷ ହୋଇଯିବା ଯୋଗୁଁ ନିଜର କୌଶଳ ପ୍ରୟୋଗ କରି କିପରି ଅର୍ଥ ଉପାର୍ଜନ କରି ଫେରିଥିବା ବେଳେ ଅନ୍ୟଜଣେ ଗୋବରକୁ ଶୁଖାଇ ବିଭିନ ସୁଗନ୍ଧ ସାମଗ୍ରୀ ମିଶାଇ ତାହାକୁ ବିକ୍ରି କରି ଆତ୍ମନିର୍ଭରଶୀଳ ହୋଇପାରିଥିବା ପ୍ରକାଶ କରିଥିଲେ। ଏହି ବିଷୟ ନେଇ ଅଧ୍ୟାପକ ଶ୍ରୀ ପରିଡା ଓ ଶ୍ରୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ଏହି କାର୍ଯ୍ୟକ୍ରମ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଛାତ୍ରଛାତ୍ରୀମାନେ ନିଜେ କିମ୍ବା ମିଳିତ ଭାବେ ରୋଜଗାରର କିଛି ନୂତନ ଚିନ୍ତାଧାରା ଅଳ୍ପ ଦିନ ମଧ୍ୟରେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ।

# ଛାତ୍ରୀ ଶବ ରଖି ରାସ୍ତାରୋକ

## ହତ୍ୟା ଅଭିଯୋଗ ଆଣିଲେ ଗ୍ରାମବାସୀ

କେନ୍ଦୁଝର,୧୧।୭ (ନିପ୍ର): କେତେ ଆଶା ଭରସା ନେଇ ବାପାମାଆ ଝିଅକୁ ବାହାରେ ଉଚ୍ଚଶିକ୍ଷା ଲାଗି ପାଠ ପଢାଉ ଥିଲେ ହେଲେ କାଳର ରୀତି ଅଲଗା ଥିଲା ସେହି ପାଠୁଆ ଝିଅ ଅକାଳରେ ଚାଲିଗଲା। ଖବର ମିଳିଛି ଯେ କେନ୍ଦୁଝର ଜିଲ୍ଲାର ଘଷିପୁରା ଥାନା ଅନ୍ତର୍ଗତ ଦେଓଗାଁ ଅଞ୍ଚଳର ରସ୍ମିତା ସାହୁ କଟକ ଜିଲ୍ଲାର ଗୋବିନ୍ଦପୁର କଲେଜରେ ଭଡ଼ା ମେସ୍ ଘରେ ରହି ପିଜି କରୁଥିଲେ । କିନ୍ତୁ ସେଠାରେ ହଠାତ ସକାଳେ ତାଙ୍କର ଝୁଲନ୍ତା ମୃତ ଦେହ ମିଳିଥିଲା। ଝିଅର ମାମୁଁ ଖବର ପାଇ ଯାହା ଦେଖିଲେ ଘୋର ସନ୍ଦେହ କରିଥିଲେ। ଜଣେ ଭଲ ଝିଅ ହଠାତ ଆତ୍ମହତ୍ୟା କରିବ ବୋଲି କେହି ବିଶ୍ୱାସ କରୁନାହାନ୍ତି ବରଂ ଝିଅକୁ ମାରି ଝୁଲାଇ ଦିଆଯାଇଛି ବୋଲି ଝିଅ ବାପା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେଣୁ ଝିଅ ଶବ ଦେଓଗାଁ ଅଞ୍ଚଳରେ ପହଞ୍ଚିବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ହତ୍ୟାକାରୀଙ୍କୁ ଧରିବାକୁ ରାସ୍ତାରୋକ କରିଥିଲେ। ସେମାନେ ମୃତଦେହକୁ ରାସ୍ତାରେ ରଖି ନିଜ ଜିଦିରେ ଅଡି ବସିଥିଲେ । ତେବେ ଘଷିପୁରା ଥାନା ପୋଲିସ୍ ଆସି ଲୋକଙ୍କୁ ବୁଝାଇ ଉଠାଇଥିଲା। ଆଗକୁ ନ୍ୟାୟ ନ ମିଳିଲେ ପୁଣି ଗ୍ରାମବାସୀ ଆନ୍ଦୋଳନ କରିବେ କହିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ଝିଅ ହତ୍ୟାକାରୀଙ୍କୁ ଧରି ଫାଶୀ ଦେବାକୁ ସେମାନେ ଦାବି କରିଛନ୍ତି।

# ସମାଜସେବୀଙ୍କୁ ମିଳିଲା ପ୍ରକୃତି ବନ୍ଧୁ ସମ୍ମାନ

ବୋଲଗଡ଼,୧୧।୭(ନିପ୍ର);ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପ୍ରକୃତି ବନ୍ଧୁ ପୁରସ୍କାର ବିତରଣ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାସ୍ତରରେ ୧୦ଟି ବ୍ଲକରୁ ଜଣେ ଲେଖାଏଁ ଚୟନ କରାଯାଇ ୧୦ ଜଣ ଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶାର ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ସାଗରିକା ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକର ରାସୋଳ ଗ୍ରାମର ଯୁବ ସମାଜ ସେବୀ ସତ୍ୟନାରାୟଣ ବାରିକଙ୍କୁ ମୁଖ୍ୟଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମାନପତ୍ର, ଫୁଲ ଗଛ, ସାର୍ଟିଫିକେଟ ସହିତ ଦଶ ହଜାର ଟଙ୍କା ପ୍ରଦାନ କରି ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରିଛନ୍ତି । ବୋଲଗଡ ବ୍ଲକ ପାଇଁ ଏହା ଗର୍ବ ଓ ଗୌରବ ବିଷୟ ପାଲଟିଛି । ଯୁବ ସମାଜ ସେବୀ ଶ୍ରୀ ବାରିକ ବୃକ୍ଷ ହିଁ ଜୀବନ ମୂଲ୍ୟବୋଧକୁ ହୃଦବୋଧ କରି ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷ ଧରି ସମାଜ ସେବାରେ ଲାଗିପଡିଛନ୍ତି । ପ୍ରକୃତିକୁ ସରସ ସୁନ୍ଦର କରିବାରେ ଯେଉଁ ସ୍ୱପ୍ନ ଦେଖିଛନ୍ତି ପ୍ରତିବର୍ଷ ନିଜେ ପରିଶ୍ରମ କରି ବୃକ୍ଷ ରୋପଣ କରି ମାଗେଣାରେ ଚାରା ମଧ୍ୟ ବଣ୍ଟନ କରିବା ସହିତ ଜଙ୍ଗଲ ସୁରକ୍ଷା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା କରୁଛନ୍ତି । ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ପାଖାପାଖି ୨ ହଜାର ବୃକ୍ଷ ରୋପଣ କରିଛନ୍ତି । ପରିବେଶ ସୁରକ୍ଷା ସଚେତନତା ପାଇଁ ବୋଲଗଡର ବିଭିନ୍ନ ଅନୁଷ୍ଠାନ ତରଫରୁ ସେ ହୋଇଛନ୍ତି ସମ୍ମାନିତ । ଶ୍ରୀ ବାରିକ ନିଜର ସ୍ୱଳ୍ପ ଆର୍ଥିକ ରୋଜଗାରରେ ପରିଶ୍ରମ କରି ସମାଜ ପାଇଁ କରିଛନ୍ତି ଅନେକ କାର୍ଯ୍ୟ ଆଜିର ଏ ସଫଳତା ପାଇଁ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, ବୋଲଗଡ ପୂର୍ବତନ ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ, ହର୍ଟିକଲଚର ବିଭାଗର ଅଧିକାରୀ, କୃଷି ବିଭାଗ ଅଧିକାରୀ ଏବଂ ବୋଲଗଡର ଭଏସ ଅଫ ମିଡ଼ିଆ ସାମ୍ବାଦିକ ସଂଘ ପକ୍ଷରୁ ଅନେକ ପ୍ରଶଂସା ସହିତ ଶୁଭେଚ୍ଛା ଜଣାଇଛନ୍ତି।

# ମୃତ କର୍ମଚାରୀଙ୍କ ପରିବାରକୁ ବିଦ୍ୟାଳୟ ପକ୍ଷରୁ ସହାୟତା

ଦାମନଯୋଡି,୧୧/୭(ନିପ୍ର): ଦାମନଯୋଡି ଶିଳ୍ପାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର କର୍ମଚାରୀ ସ୍ୱର୍ଗତ କୈଳାସ ଚନ୍ଦ୍ର ବେହେରାଙ୍କ ଅକାଳ ବିୟୋଗ ଘଟିବା ପରେ ବିଦ୍ୟାଳୟ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପୂର୍ବକ ସାନ୍ତ୍ୱନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ମାସିକ ବୈଠକ ଅବସରରେ ଅଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ପରାମର୍ଶ କ୍ରମେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀଙ୍କ ଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ସଂଗୃହୀତ ମୋଟ୍ ୩୬,୧୦୦ ଟଙ୍କା ସ୍ୱର୍ଗତ ବେହେରାଙ୍କ ଧର୍ମପତ୍ନୀ ଟୁନି ବେହେରାଙ୍କୁ ପ୍ରଦାନ କରାଯାଇଥିଲା । ଅର୍ଥ ପ୍ରଦାନ ସମୟରେ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ପରିଚାଳନା ସମିତି ସମ୍ପାଦକ ଡଃ ଚିତ୍ତରଞ୍ଜନ ମିଶ୍ର, ଶିକ୍ଷକ ପ୍ରତିନିଧି ଚନ୍ଦ୍ରଶେଖର ଦ୍ୱିବେଦୀ, ଡଃ ନୀରୋଦ ପ୍ରଧାନ, କିରଣ କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଅର୍ଥ ପ୍ରଦାନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

# ଭୋଟର ସଂଶୋଧନ ଓ ପ୍ରସ୍ତୁତି ତାଲିକା ପ୍ରଶିକ୍ଷଣ ଶିବିର

ଦେବଗଡ,୧୧।୭ (ନିପ୍ର): ଦେବଗଡ଼ ଜିଲ୍ଲା ରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ୩୩୮ ବୁଥ୍ ସ୍ତରୀୟ ଅଧିକାରୀ ଓ ୩୪ ଜଣ ସୁପରଭାଇଜର ପ୍ରଶିକ୍ଷଣ ନେଇଥିଲେ । ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଦେବଗଡ଼ ଜିଲ୍ଲା ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ତତ୍ତ୍ୱାବଧାନରେ ଦେବଗଡ଼ର ସମସ୍ତ ତିନୋଟି ବ୍ଲକ୍‌ର ସମ୍ମିଳନୀ କକ୍ଷରେ ଉକ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବରିହା, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ ସୁଶ୍ରୀ ରେଖା ମହାନ୍ତ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶନୀ ମିର୍ଦ୍ଧା, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ ଯୋଗଦେଇଥିଲେ ଓ ସେହିପରି ସହାୟକ ପ୍ରଶିକ୍ଷକ ଭାବେ ତିନି ବ୍ଲକର ପଞ୍ଚାୟତ ଉନ୍ନୟନ ଅଧିକାରୀ ମାନଙ୍କ ସମେତ ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସିମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣ ପରେ ସମସ୍ତ ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କ ଦକ୍ଷତା ପରୀକଣ କରାଯାଇ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# କଳାହାଣ୍ଡି ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମ ଉପରେ ସମୀକ୍ଷା

## ଯୋଗଦେଲେ ନୀତି ଆୟୋଗର କେନ୍ଦ୍ର ପ୍ରଭାରୀ , ଉତ୍ତମ ପ୍ରଦର୍ଶନ ପାଇଁ ୯ କୋଟି ପୁରସ୍କାର ପାଇଲା କଳାହାଣ୍ଡି

ଭବାନୀପାଟଣା, ୧୧/୭ (ନି.ପ୍ର)- ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗୁରୁବାର କଳାହାଣ୍ଡି ଆକାଂକ୍ଷା ଜିଲା କାର୍ଯ୍ୟକ୍ରମ ଉପରେ ଏକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ଯୁଗ୍ମ ସଚିବ ତଥା ନୀତି ଆୟୋଗର କେନ୍ଦ୍ର ପ୍ରଭାରୀ ଅନିତା କର୍ଣ୍ଣ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଳାହାଣ୍ଡି ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ,ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ,ଭବାନୀପାଟଣା



ଉପଜିଲାପାଳ ପ୍ରଭାତ ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଅଧିକାରୀ ଓ ସ୍ଥାନୀୟ ବିଡ଼ିଓମାନେ ଯୋଗଦେଇଥିଲେ। ବୈଠକରେ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ୬ ଗୋଟି ବିଷୟରେ ସମୀକ୍ଷା କରାଯାଇଥିଲା। ସେଗୁଡିକ ହେଲା ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି ଓ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତି ଓ ଦକ୍ଷତା ବିକାଶ, ମୌଳିକ ଭିତ୍ତିଭୂମି ଓ ସାମାଜିକ ବିକାଶ। ଏହାସହ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ମୃତ୍ୟୁ ହାର ହ୍ରାସ, ମାତୃ ମୃତ୍ୟୁ ହାର ହ୍ରାସ , ଗର୍ଭବତୀ ମହିଳାଙ୍କ ପରୀକ୍ଷା ଓ ଟିକାକରଣ, ଜନ୍ମ ସମୟରେ ଲିଙ୍ଗ ଅନୁପାତ,, ଶିଶୁର ସମ୍ପୂର୍ଣ୍ଣ ଟିକାକରଣ , ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ , ରକ୍ତ ହୀନତା ନିରାକରଣ ,ଗୁଣାତ୍ମକ ଶିକ୍ଷା, ମୃତ୍ତିକା, କୃଷି ଉତ୍ପାଦନ ବୃଦ୍ଧି, ଫସଲ ବୀମା , ପ୍ରମାଣିତ ଗୁଣବତ୍ତା ବିହନ ବଣ୍ଟନ, ପ୍ରତିଘରେ ବିଦ୍ୟୁତ୍ ସଂଯୋଗୀକରଣ , ପ୍ରତିଘରେ ପାନୀୟ ଜଳ ଯୋଗାଣ ଉପରେ ସମୀକ୍ଷା କରାଯାଇଥିଲା । ଦେଶରେ ୧୧୨ ଟି ଆକାଂକ୍ଷା ଜିଲା ମାନଙ୍କ ମଧ୍ୟରେ କରାଯାଇଥିବା ପ୍ରତିଯୋଗିତାରେ ୩ ଥର କଳାହାଣ୍ଡି ଜିଲା ଉତ୍ତମ ସ୍ଥାନ ପ୍ରଦର୍ଶନ କରିଥିବାରୁ ୯ କୋଟି ଟଙ୍କା ପୁରସ୍କାର ରାଶି ଭାରତ ସରକାରଙ୍କ ନୀତି ଆୟୋଗ ଠାରୁ ଗ୍ରହଣ କରିଛି। ଜିଲାର ୨ ଟି ଗ୍ରାମକୁ ଆଦର୍ଶ ଗ୍ରାମ ହିସାବରେ ନେଇ ତାର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ନୀତି ଆୟୋଗର କେନ୍ଦ୍ର ପ୍ରଭାରୀ କର୍ଣ୍ଣ ଜିଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭିଟାମିନ ଯୁକ୍ତ ଚାଉଳ ପିଡ଼ିଏସ ମାଧ୍ୟମରେ ବଣ୍ଟନ କରିବା ଦ୍ୱାରା ଅପପୁଷ୍ଟି ରୋକିବାରେ କେତେ ସଫଳ ହୋଇଛି ତାର ଏକ ସର୍ଭେ କରିବା ପାଇଁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ କହିଥିଲେ ଗତ ବର୍ଷ ୬ଟି ସୂଚକାଙ୍କର ସମ୍ପୂର୍ଣ୍ଣକରଣ ପାଇଁ ସମ୍ପୂର୍ଣ୍ଣତା ଅଭିଯାନ କରାଯାଇଥିଲା। ଯାହାଦ୍ୱାରା ଜିଲାର ୫ଟି ସୁଚକାଙ୍କ ୧୦୦% ସଫଳତା ଜନସାଧାରଣଙ୍କୁ ମିଳିପାରିଥିଲା। ଜିଲାରେ ୭ ଟି ମା ଗୃହ ଅଛି ଓ ଆବଶ୍ୟକତା ଅନୁଯାୟୀ ଆହୁରି ୩ ଟି ମା ଗୃହ ପାଇଁ ସରକାରଙ୍କୁ ପ୍ରସ୍ତାବ ପଠା ଯାଇଛି ବୋଲି କହିଥିଲେ । ଶେଷରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ଧନ୍ୟବାଦ ଦେଇଥିଲେ।

# ଧାମନଗର ବ୍ଲକ : ୯ ଏକକ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଲା

ଧାମନଗର,୧୧।୭ (ନିପ୍ର); ଧାମନଗର ବ୍ଲକରେ ଶିକ୍ଷା ବ୍ୟବସ୍ଥାକୁ ଆଗକୁ ନେବା ପାଇ ପ୍ରଶାସନ ଏବେ ପୂରା ତତ୍ପର ହୋଇଛନ୍ତି। ଧାମନଗର ବ୍ଲକରେ ଦୀର୍ଘ ବର୍ଷ ହେବ ୯ଟି ବିଦ୍ୟାଳୟ ଏକକ ଶିକ୍ଷକ ଥିବାବେଳେ ଅନେକ ଅସୁବିଧା ହେଉଥିଲା। ଭଦ୍ରକ ଜିଲ୍ଲାପାଳ ଚଳିତ ମାସ ୭ ତାରିଖ ନିର୍ଦ୍ଦେଶ ପରେ ଉକ୍ତ ୯ଟି ବିଦ୍ୟାଳୟରେ ଶିକ୍ଷକ କାର୍ଯ୍ୟରେ ଯୋଗ ଦେବେ । ମାତ୍ର ଗୋଟିଏ ବିଦ୍ୟାଳୟର କିଛି ସମସ୍ୟା ନେଇ ଜଣେ ଶିକ୍ଷକ ଯୋଗ ଦେଇ ନାହାନ୍ତି। ସୂଚନା ଥାଉକି ଧାମନଗର ବ୍ଲକର ୧ ରୁ ୫ ଶ୍ରେଣୀ ୯ ଟି ସ୍କୁଲ ଯଥା କଣ୍ଟିଦୋଳ, ବୈକୁଣ୍ଠୀ, ଉଆସ ଡିହ, ଅର୍ଜୁନପୁର, ବାସୁଦେବପୁର, ରାମେଶ୍ୱରପୁରଗୋଖାସାହି,ମଙ୍ଗଳାବାଙ୍କ, ଓଉପୁର କରଦା ଓ ଅଜମତପୁର ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଜଣେ ଲେଖାଏଁ ଶିକ୍ଷକ ରହି ଶିକ୍ଷାଦାନ କରୁଥିଲେ। ଚଳିତ ଶିକ୍ଷାବର୍ଷରୁ ଦୁଇଜଣ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ରହିବେ । ତେବେ କଣ୍ଟିଦୋଳ ସ୍କୁଲରେ କିଛି ସମସ୍ୟା ନେଇ ଗ୍ରାମବାସୀ ଉକ୍ତ ବିଦ୍ୟାଳୟରେ ଜନୈକା ଶିକ୍ଷୟିତ୍ରୀକୁ ବିଦ୍ୟାଳୟରେ ଯୋଗ କରାଇ ଦେଉ ନଥିବାରୁ ସେ ଶିକ୍ଷୟିତ୍ରୀ ଜଣଙ୍କ ବିଇଓ ଅଫିସରେ ରହୁଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରି ପ୍ରଫୁଲ୍ଲ ସାହୁ ସୂଚନା ଦେଇଛନ୍ତି। ସୂଚନା ଥାଉକି ଧାମନଗର ବ୍ଲକ ରେ ୧୮୯ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ୭୬୯ ଶିକ୍ଷକ ଆବଶ୍ୟକ ମାତ୍ର ଅଛନ୍ତି ୬୩୪ ଶିକ୍ଷକ ଆହୁରି ଶିକ୍ଷକ ଆବଶ୍ୟକ ରହିଛି ତେବେ ବିଭାଗୀୟ ଉଚ୍ଚ ଅଧିକାରୀ ଖୁବଶୀଘ୍ର ଶିକ୍ଷକ ପଦବୀ ପୂରଣ କରିବେ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ସାହୁ କହିଛନ୍ତି। ଅପରପକ୍ଷେ ବ୍ଲକରେ ୯ ଜଣ ସିନିୟର୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ହୋଇଥିବା ବେଳେ ସୂର୍ଯ୍ୟପୁର ନୋଡାଲ ସ୍କୁଲର ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଥିବାରୁ ଉକ୍ତ ବିଦ୍ୟାଳୟର ଗ୍ରାମବାସୀ ଓ ପରିଚାଳନା କମିଟିର ସଦସ୍ୟମାନେ ଧାମନଗର ବିଇଓଙ୍କୁ ଭେଟି ଅଭିଯୋଗ କରିଥିଲେ ।ଉକ୍ତ ବିଦ୍ୟାଳୟ ୧ରୁ ୮ ଶ୍ରେଣୀ ଥିବାବେଳେ ୧୧୯ ଛାତ୍ର ଛାତ୍ରୀ ଅଛନ୍ତି। ସେଥିରୁ ବିଜ୍ଞାନ ଶିକ୍ଷକ ତୃପ୍ତି ବିଶ୍ୱାଳଙ୍କୁ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଦିଆଯାଇଛି । ଫଳରେ ଉକ୍ତ ବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିବ ବୋଲି ଅଭିଯୋଗ କରିଥିଲେ। ତେବେ ଉକ୍ତ ଘଟଣା ସଂପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇ ସମସ୍ୟାର ସମାଧାନ କରାଯିବ ବୋଲି ବିଇଓ ଶ୍ରୀ ସାହୁ କହିଥିଲେ । ତେବେ ଧାମନଗର ବ୍ଲକରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛନ୍ତି। ତୁରନ୍ତ ଶିକ୍ଷକ ପଦବୀ ପୂରଣ ପାଇଁ ମଧ୍ୟ ବିଭିନ୍ନ ମହଲରୁ ଦାବି ହେଉଛି।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ମାସିକ କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ

ରମ୍ଭା,୧୦।୭ (ନିପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ ପକ୍ଷରୁ ଚଳିତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ ବୈଠକ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଶ୍ରୀଜଗନ୍ନାଥଙ୍କ ନିକଟରେ ସର୍ବପ୍ରଥମେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ବୈଠକର ଉଦ୍ଘାଟନ କରିଥିଲେ । ସିଆର୍‌ସିସି ରାଜେନ୍ଦ୍ର କୁମାର ପଣ୍ଡା ଦୀପ ମନ୍ତ୍ର ଉଚ୍ଚାରଣ କରିଥିଲେ । ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଡକ୍ଟର ପରିଡ଼ା ମାସିକ କ୍ଲଷ୍ଟର ସ୍ତରୀୟ ବୈଠକର ଆବଶ୍ୟକତା, ଶିକ୍ଷକଙ୍କ ଦକ୍ଷତାର ବିକାଶ ଦିଗରେ ଏହାର ଭୂମିକା ନିହାତି ଗ୍ରହଣୀୟ ବୋଲି ପ୍ରତିପାଦନ କରିଥିଲେ । ପ୍ରତ୍ୟେକ ଶିକ୍ଷକ ପ୍ରଶିକ୍ଷଣ ଗ୍ରହଣ କରିବାର ପ୍ରୟୋଜନତା ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସିଆର୍‌ସିସି ମାନେ ସକାରାତ୍ମକ ପ୍ରକ୍ରିୟାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମସ୍ତ ପ୍ରକାର ଶୈକ୍ଷିକ ସହଯୋଗ କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ । ନୂଆ କରି ଆରମ୍ଭ ହୋଇଥିବା ଶିଶୁ ବାଟିକା ବିଷୟରେ ଆଲୋଚନା ସହିତ ବିଦ୍ୟାଳୟ ବିକାଶ, ଶିକ୍ଷା ଅଧିକାର, ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟ ପୁସ୍ତିକା ଉପରେ ଆଲୋଚନା କରିଥିଲେ । ଜାତୀୟ ଶିକ୍ଷା ନୀତି -୨୦୨୦ ଓ ଆଦ୍ୟ ଶୈଶବ ଶିକ୍ଷା, ଜାତୀୟ ପାଠ୍ୟକ୍ରମ ଆଧାର,



ଶିଶୁ ବାଟିକା ଶିକ୍ଷାର ଗୁରୁତ୍ୱ, ଶିଶୁ ବାଟିକା ଶିକ୍ଷାର୍ଥୀଙ୍କୁ ବୁଝିବା,ଶିକ୍ଷଣ ଫଳାଫଳ, ଶିକ୍ଷଣ ଯୋଜନା, ଅଭିଭାବକ ଓ ଗୋଷ୍ଠୀର ଭୂମିକା, ମାନ ନିର୍ଦ୍ଧାରଣ ଆଦି ବହୁବିଧ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା । ଗଂଜାମ ଜିଲ୍ଲାର ସମସ୍ତ ବ୍ଲକର ସିଆର୍‌ସିସି ଅନୁଷ୍ଠିତ ତ୍ରିଦିବସୀୟ ବୈଠକରେ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଆୟୋଜିତ ତ୍ରିଦିବସୀୟ ବୈଠକରେ ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ଜିତେନ୍ଦ୍ର ପଣ୍ଡା, ସୁକୁଲେଇ ଟୁଡୁ, ପ୍ରଶିକ୍ଷିକା ଲିପି ଶ୍ରୀ ଦେବୀ, ସୁଶ୍ରୀ ଗାୟତ୍ରୀ ସ୍ୱାଇଁ, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ଋଷିଆ ଯାଇଥିବା ପ୍ରତିଭା ସାଂସ୍କୃତିକ ଦଳକୁ ସମ୍ବର୍ଦ୍ଧନା

ଭବାନୀପାଟଣା, ୧୧/୭ (ନି.ପ୍ର)- କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭାର ୧୨ ଜଣ କଳାକାର ଋଷିଆର ମସ୍କୋ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରି ନିଜ ମାଟିକୁ ଫେରିଛନ୍ତି।

ଫେରିବା ସମୟରେ କଳାକାରମାନଙ୍କୁ କେସିଙ୍ଗା, ପାଷ୍ଟିକୁଡି ଓ ଭବାନୀପାଟଣା ଠାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ପ୍ରୟାସକ୍ରମେ ଗୁରୁ ଧାନାନନ୍ଦ ପଣ୍ଡା ଓ ଚିଷ୍ଣୁ ପ୍ରସାଦ ନାଏକଙ୍କ ନେତୃତ୍ୱରେ ଏହି କଳାକାରମାନେ ଯାଇ ସୁଦୁର ମସ୍କୋ ଠାରେ କଳାହାଣ୍ଡିର ପାରମ୍ପରିକ ଲୋକନୃତ୍ୟ ଘୁମୁରା, ସିଙ୍ଗାରୀ ଓ ବଜାଶାଲ ନୃତ୍ୟ ପରିବେଷଣ କରି ସମଗ୍ର ମସ୍କୋ ସହରକୁ ସ୍ତବ୍ଧ କରିଦେଇଥିଲେ। ଛୁଆରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ଏହି କଳାକାର ମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ଲୋକ ସଂଗୀତରେ ଝୁମିଉଠିଥିଲେ।

ଘୁମୁରାର ନାଦରେ ପ୍ରକମ୍ପିତ ହୋଇଥିଲା କେମେଲିନ୍ ପାଖର ମାନେଝାନାୟା ଛକ। ବଜାଶାଲର ତାଳରେ ତାଳ ଦେଇ ନାଚି ଉଠିଥିଲେ ଋଷିଆର ଯୁବତୀମାନେ। ଏହି ସାଂସ୍କୃତିକ ଦଳ ପହଞ୍ଚିଲା ପରେ ଜିଲ୍ଲାରେ ଏକ ଖୁସିର ଲହରି ଖେଳିଯାଇଥିଲା। ଏହି କଳାକାରମାନଙ୍କୁ ବିଭିନ୍ନ ସଂଗଠନ ମାନଙ୍କ ତରଫରୁ ଶୁଭେଚ୍ଛା ବାର୍ତ୍ତା ଦିଆଯାଇଛି। ଏହି ଦଳରେ ଉସ୍ତାଦ୍ ବିସ୍ମିଲ୍ଲା ଖାନ୍ ସମ୍ମାନରେ



ସମ୍ମାନିତ ଲୋକଗୀତ ଗାୟକ ସର୍ବେଶ୍ୱ ଭୋଇ, ବିଶିଷ୍ଟ ଯୁବ ଢୋଲ ବାଦକ ଗୌରୀ ଶଙ୍କର ଦୁର୍ଗା, ତରୁଣ କୁମାର ଦୁର୍ଗା, ପ୍ରେମଲାଲ ନାଏକ, ମହାଦେବ ଭାଟି, ସାମନ୍ତ ସୁନାନୀ, ତୁସାର ଧଙ୍ଗଡାମାଝୀ, ଲିପ୍ସାରାଣୀ ବାରିକ, ପ୍ରିୟଙ୍କା ପ୍ରଧାନ, ଶ୍ୱେତାରାଣୀ ପାତ୍ର ପ୍ରମୁଖ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

# ମଦ ପିଇ ଗାଡ଼ି ଚଳାଉ ଥିଲେ ସରକାରୀ ବସ ଡ୍ରାଇଭର: ଧରିଲେ ବଲାଙ୍ଗିର ଆର୍‌ଟିଓ

ବଲାଙ୍ଗୀର,୧୧/୭ (ନିପ୍ର): ସାରା ଓଡିଶାରେ ଡ୍ରାଇଭର ମହାସଂଘର ଆନ୍ଦୋଳନ ଚାଲୁଥିବା ବେଳେ ସରକାରୀ ବସ୍ ଚଳାଚଳ କରୁଛି। ହେଲେ ଏହି ସରକାରୀ ବସ୍ ଚଳାଉଥିବା ଡ୍ରାଇଭର ମଦ ପିଇ ଗାଡ଼ି ଚଳାଉଥିବା ବେଳେ ଧରିଛନ୍ତି ବଲାଙ୍ଗିର ଆରଟିଓ ମାନସ ମିଶ୍ର। ବସ୍ ଡ୍ରାଇଭରର ଲାଇସେନ୍ସ ଜବତ କରିଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ତୁଷୁରା ଛକ ଠାରେ। ଜାତୀୟ ରାଜପଥ ୨୬ ବରଗଡ଼- ବୋରୀ ଗୁମା ଜାତୀୟ ରାଜପଥ ୨୬ ଦେଓଗାଁ ତୁଷୁରା ଛକ ଠାରେ ଦେଓଗାଁ ବ୍ଲକ୍ ଡ୍ରାଇଭର ସଂଘ ଧାରଣା ଦେଇ ରାସ୍ତା କଡରେ ବସି ନାରାବାଜି କରୁଛନ୍ତି । ଡ୍ରାଇଭରଙ୍କ ଏହି ଆନ୍ଦୋଳନ ଯୋଗୁଁ ଏବଂ ଡ୍ରାଇଭର ସଙ୍ଘ ଜାତୀୟ ରାଜପଥରେ ଚଳାଚଳ କରୁଥିବା ଟ୍ରକ, ତେଲ ଟେଙ୍କର



ଗାଡି ଗୁଡିକକୁ ଅଟକାଇ ଥିଲେ । ଏହାଯୋଗୁଁ ଜାତୀୟ ରାଜପଥ ୨୬ କଡରେ ସକାଳୁ ଗାଡ଼ି ଜାମ ହୋଇଥିଲା । ସକାଳୁ ଦେଓଗାଁ, ତୁଷୁରା ଥାନା ଅଧିକାରୀଙ୍କୁ ଧରି ବଲାଙ୍ଗିର ଏସ ଡି ପିଓ ପହଞ୍ଚିବା ପରେ ସବୁ ଗାଡ଼ି କୁ ଛଡ଼ା ଯାଇଥିଲା। ଦିନ ତମାମ ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ସହ ପୁଲିସ ଜଗି ରହିଥିବା ବେଳେ କଳାହାଣ୍ଡିରୁ ବଲାଙ୍ଗିର ଅଭିମୁଖେ ଆସୁଥିବା ଓଡି ୦୩ ୟୁଆୟୀ ୦୬୩୨ ଦାମନ ଯୋଡି ସରକାରୀ ବସ୍‌ର ଡ୍ରାଇଭର ଲିଙ୍ଗ ରାଜ ସିଂ ମଦ ପିଇ ଗାଡ଼ି ଚଳାଉଥିବା ଖବର ଆସିବା ପରେ ପୁଲିସ ବସ୍‌ଟିକୁ ଅଟକାଇ ଚେକିଂ କରିଥିଲେ । ଅପରାହ୍ନ ୫ଟାରେ ଏହି ଖବର ପାଇ ବଲାଙ୍ଗିର ଆରଟିଓ ଘଟଣା ସ୍ଥଳକୁ ପହଞ୍ଚି ଦେଓଗାଁ ପୁଲିସ ଜରିଆରେ ମଦ ଏନାଲାଇଜର ଯନ୍ତ୍ରରେ ଚେକିଙ୍ଗ କରିବାରୁ ଡ୍ରାଇଭର ଜଣକ ୧୭୨ଏମିଜି ଆଲକାହଲ ଥିବା ଜଣାପଡିଥିଲା। ଏନେଇ ଡ୍ରାଇଭର କୁ ଆର ଟିଓ ଅଟକ ରଖି ଲାଇସେନ୍ସ ଜବତ କରିଥିବା ସୂଚନା ଦେଇଛନ୍ତି।

ତେବେ ଡ୍ରାଇଭର ଜଣକ ମଦ ପିଇ ନ ଥିବା କହୁଥିବା ବେଳେ ଡ୍ରାଇଭର ଜଣକ ମଦ ପିଇ ଗାଡ଼ି ଚଳାଉ ଥିବା ଜଣା ପଡ଼ିବା ପରେ ଲାଇସେନ୍ସ ଜବତ କରି ତାକୁ ଅଟକ ରଖା ଯାଇଛି ବୋଲି ଆରଟିଓ ସୂଚନା ଦେଇଛନ୍ତି।

# ନକ୍ସଲ ଆତ୍ମ ସମର୍ପଣ କରିବା ପାଇଁ ପୋଲିସ ଆହ୍ୱାନ

ରାୟଗଡା -୧୧/୭(ନି :ପ୍ର )ନକ୍ସଲ ଆତ୍ମ ସମର୍ପଣ କରିବା ପାଇଁ ପୋଲିସ ଲଗାଇଛି ବ୍ୟାନର। ସରକାରଙ୍କ ମାଓବାଦୀ ଆତ୍ମ ସମର୍ପଣ ଓ ଥଇଥାନ ଯୋଜନାରେ ସାମିଲ ହେବାକୁ ମୁନିଗୁଡା ବସ୍‌ଷ୍ଟାଣ୍ଡ ଠାରେ ବ୍ୟାନର ଲଗାଇ ଆହ୍ୱାନ ଦେଇଛି ରାୟଗଡା ପୋଲିସ। ସେହିଭଳି ଜିଲ୍ଲାର ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ଛକ, ରାୟଗଡା-ଗଜପତି ସୀମା ଗରଡ଼ାମହା ଗ୍ରାମ, ଖମ୍ବସି ଏବଂ ନିୟମଗିରି ପାହାଡ ଅଂଚଳରେ ମଧ ବ୍ୟାନର ଲାଗିଥିବା ଦେଖିବାକୁ ମିଳୁଛି। ଆତ୍ମ ସମର୍ପଣ କଲେ ସେମାନଙ୍କୁ ସରକାରଙ୍କ ତରଫରୁ ଆର୍ଥିକ, ଘର ନିର୍ମାଣ ଝିଅ ବାହାଘର ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ ସହ ସେମାନଙ୍କ ନାମରେ ଥିବା କେଶ ଗୁଡିକ ପ୍ରତ୍ୟାହାର କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଆତ୍ମ ସମର୍ପଣ କରିବାକୁ ଚାହୁଁଥିଲେ ୬୩୭୦୨୦୪୦୩୨ ଏବଂ ୮୬୫୮୪୬୫୬୫୨ ନମ୍ବରକୁ ଯୋଗାଯୋଗ କରିବା ପାଇଁ ପୋଷ୍ଟର ମାଧ୍ୟମରେ ପୋଲିସ ଅନୁରୋଧ କରିଛି।

# ବିଭିନ୍ନ ଶ୍ରମିକ ସଂଗଠନର ଆନ୍ଦୋଳନ

ଭାପୁର,୧୧।୭ (ନିପ୍ର); କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ସାରା ଭାରତ ବର୍ଷ ବିରୋଧ କରିବା ସହ ଆନ୍ଦୋଳନ କରିଛନ୍ତି କରିଛନ୍ତି ବିଭିନ୍ନ ଶ୍ରମିକ ସଂଗଠନ ଫଳରେ, ଏହାର ପ୍ରଭାବ ପଡିଛି ଭାପୁର ବ୍ଲକ ଅଞ୍ଚଳରେ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯାଇଛି। ଆନ୍ଦୋଳନରେ ସାମିଲ ହୋଇଛନ୍ତି ବିଭିନ୍ନ ଶ୍ରମିକ ସଂଗଠନର କର୍ମଚାରୀଙ୍କ ସହ ଆଶା କର୍ମୀ । ଏହି ଅବସରରେ, ବୁଧବାର ଭାପୁର ତହସିଲ ଅଫିସ୍ ନିକଟରୁ ଏକ ଶୋଭାଯାତ୍ରା ବାହାରି ଭାପୁର ବଜାର ପରିକ୍ରମା କରିଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ବିରୋଧୀ କରି ଆନ୍ଦୋଳନରତ କର୍ମଚାରୀ ମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖ ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# କୁଚିଣ୍ଡାରେ ବୁଥସ୍ତରୀୟ ଜାତୀୟ ପ୍ରଶିକ୍ଷଣ ଶିବିର

କୁଚିଣ୍ଡା,୧୧।୭(ନିପ୍ର); ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗତ ୩ ରୁ ୧୭ ତାରିଖ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଜାତୀୟ ପ୍ରଶିକ୍ଷଣ ଶିବିର ପରିଚାଳିତ ହେଉଛି । ଏହି କ୍ରମରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଥ ଅଧିକାରୀଙ୍କୁ ନେଇ ଗୁରୁବାର ଏକ ଦିବସୀୟ ଜାତୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକରୀ ତଥା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ କୁଚିଣ୍ଡା ତହସିଲଦାର ମିତାଲି ମଧୁମିତା ଦଳେଇ, କୁଚିଣ୍ଡା ବିଡିଓ ଜୟନ୍ତ ସାହୁ,କୁଚିଣ୍ଡା ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, କୁଚିଣ୍ଡା ଏନଆରଇଜିଏସ୍ ସହାୟକ ନରେନ୍ଦ୍ର ନାୟକ, ବିପିଏ ବିକାଶ ଚାନ୍ଦ, ଜିପିଡିଓ ମସ୍ତରାମ ପ୍ରଧାନ ପ୍ରମୁଖ ରିସୋର୍ସ ପର୍ସନ ଭାବେ ବୁଥ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସାମ୍ବିଧାନିକ ଅଧିକାର, ବୁଥ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ, ଘରକୁ ଘର ବୁଲି ସର୍ଭେ ସହ ଭୋଟର ତାଲିକା ସଂଯୋଗ କରିବେ।

# ଯମୁନା ପୁନରୁଦ୍ଧାର ଉପରେ ଉଚ୍ଚସ୍ତରୀୟ ସମୀକ୍ଷା
# ୨୦୨୮ ସୁଦ୍ଧା ୧୫୦୦ ଏମଜିଡି ବୃଦ୍ଧି କରିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୧।୭(ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ଯମୁନା ପୁନରୁଦ୍ଧାର ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର. ପାଟିଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏବଂ ସମ୍ପୃକ୍ତ ମନ୍ତ୍ରଣାଳୟ ତଥା ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉଦବୋଧନ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (ଡିପିସିସି) ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ କାର୍ଯ୍ୟ କରିବା ଉଚିତ। ସେ କହିଥିଲେ ଯେ ଦିଲ୍ଲୀ ସରକାର ଶିଳ୍ପ ସଂସ୍ଥାଗୁଡ଼ିକରୁ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ରୋକିବା ପାଇଁ ନିରନ୍ତର ଏବଂ ପ୍ରଭାବୀ ପଦକ୍ଷେପ ନେବା ଉଚିତ। ଅମିତ ଶାହ କହିଥିଲେ ଯେ ଦିଲ୍ଲୀ ବ୍ୟତୀତ ଅନ୍ୟ ରାଜ୍ୟରୁ ବର୍ଜ୍ୟବସ୍ତୁ ରୂପରେ ଯମୁନା ନଦୀରେ ରାସାୟନିକ ପଦାର୍ଥ ମଧ୍ୟ ମିଶୁଛି, ତେଣୁ ଯମୁନା ନଦୀକୁ ସଫା କରିବା ପାଇଁ ଏହି ସମସ୍ତ ରାଜ୍ୟ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ। ଅମିତ ଶାହ ନଜଫଗଡ ଏବଂ ଶାହଦରାର ମୁଖ୍ୟ ନାଳଗୁଡ଼ିକରେ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) କୁ ଉନ୍ନତ କରିବା ଲାଗି କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅମିତ ଶାହ ଦିଲ୍ଲୀର ଦୁଇଟି ମୁଖ୍ୟ ନାଳ ନଜଫଗଡ ଏବଂ ଶାହଦରା ନାଳର ଡ୍ରୋନ୍ ସର୍ଭେ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଦିଲ୍ଲୀ ସରକାରଙ୍କ ଦ୍ୱାରା ନଦୀଗୁଡ଼ିକର ସ୍ୱଚ୍ଛତା ପାଇଁ କରାଯାଉଥିବା ପ୍ରୟାସ ବ୍ୟତୀତ ଜାତୀୟ ସ୍ୱଚ୍ଛ ଗଙ୍ଗା ମିଶନ (ଏନ୍‌ଏମସିଜି) ର ବଜେଟ୍ ବୃଦ୍ଧି କରିବାର ଆବଶ୍ୟକତା ରହିଛି। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଯମୁନାକୁ ସଫା କରିବା ସହିତ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ର କ୍ଷମତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ୨୦୨୮ ସୁଦ୍ଧା ଏସଟିପି କ୍ଷମତାକୁ ୧୫୦୦ ଏମଜିଡିକୁ ବୃଦ୍ଧି କରିବା ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଶାହ କହିଥିଲେ ଯେ ହରିୟାଣା, ଦିଲ୍ଲୀ ଏବଂ ଉତ୍ତର ପ୍ରଦେଶ ଭଳି ସମସ୍ତ ତିନୋଟି ରାଜ୍ୟ ଯମୁନାର ପୁନରୁଦ୍ଧାର ପାଇଁ ପ୍ରୟାସ କରିବା ଉଚିତ ଏବଂ ସେମାନଙ୍କ ଏସଟିପି ଗୁଡ଼ିକରୁ ପ୍ରବାହିତ ହେଉଥିବା ଜଳର ପରୀକ୍ଷଣରେ ନିୟମିତତା ଏବଂ ସ୍ୱଚ୍ଛତା ରହିବା ଉଚିତ। ସେ ଏସଟିପି ନିର୍ଗମନର ତୃତୀୟ ପକ୍ଷ ଗୁଣବତ୍ତା ପରୀକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅମିତ ଶାହ କହିଥିଲେ ଯେ ଦିଲ୍ଲୀରେ ଅନେକ ଜଳଭଣ୍ଡାର ରହିଛି, ଯେଉଁଥିରେ ଦିଲ୍ଲୀ ସରକାର ବର୍ଷା ଜଳ ସଂଗ୍ରହ କରିବାର ବ୍ୟବସ୍ଥା କରିବା ଉଚିତ। ଶ୍ରୀ ଶାହ କହିଥିଲେ ଯେ ଏହି ଜଳଭଣ୍ଡାରଗୁଡ଼ିକର ବିକାଶ ଦ୍ୱାରା ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହନ ମିଳିବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଦୁଗ୍ଧ ଏବଂ ଗୋଶାଳାରୁ ବାହାରୁଥିବା ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଦିଲ୍ଲୀ ସରକାର ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି) ର ସହଯୋଗରେ କାର୍ଯ୍ୟ କରିବା ଉଚିତ।

## ‘ଅସ୍ତ୍ର’ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ,୧୧।୭(ପିଆଇବି): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା (ଆଇଏଏଫ)ର ମିଳିତ ଉଦ୍ୟମରେ ଆଜି ଦୃଶ୍ୟମାନ ପରିଧି ଠାରୁ ବାହାରେ ଆକାଶମାର୍ଗରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା (ବିଭିଆରଏଏମ) ‘ଅସ୍ତ୍ର’ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରରେ ସ୍ୱଦେଶୀ ଭାବେ ନିର୍ମିତ ରେଡିଓ ଫ୍ରିକ୍ୱେନ୍ସି ସିକର୍ ଲାଗିଛି। ଓଡ଼ିଶା ଉପକୂଳ ଚାନ୍ଦିପୁରଠାରେ ସୁ-୩୦ ଏମକେ-ଆଇ ଯୁଦ୍ଧ ବିମାନରେ ଏହି କ୍ଷେପଣାସ୍ତ୍ରର ବିମାନ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ସମୟରେ ଭିନ୍ନ ଭିନ୍ନ ସ୍ତର, ଦିଗ, ଉତକ୍ଷେପଣ ପରିସ୍ଥିତିରେ ଥିବା ଦୁଇଟି ମାନବବିହୀନ ଆକାଶମାର୍ଗ ଲକ୍ଷ୍ୟକୁ ଭେଦ କରିବା ଲାଗି ଦୁଇଟି କ୍ଷେପଣାସ୍ତ୍ରକୁ ପ୍ରୟୋଗ କରାଯାଇଥିଲା। ଉଭୟ କ୍ଷେତ୍ରରେ, କ୍ଷେପଣାସ୍ତ୍ରଗୁଡ଼ିକ ସମ୍ପୂର୍ଣ୍ଣ ସଠିକ ଭାବେ ଲକ୍ଷ୍ୟଗୁଡ଼ିକୁ ଧ୍ୱଂସ କରିଥିଲା। ପରୀକ୍ଷଣ ସମୟରେ, ସମସ୍ତ ଉପ-ପ୍ରଣାଳୀ ଆଶା ଅନୁଯାୟୀ କାର୍ଯ୍ୟ କରିଥିଲା। ଏଥିରେ ଡିଆରଡିଓ ଦ୍ୱାରା ସ୍ୱଦେଶୀ ଭାବରେ ଡିଜାଇନ୍ ଏବଂ ବିକଶିତ କରାଯାଇଥିବା ରେଡିଓ ଫ୍ରିକୁଏନ୍ସି ସିକର୍ ମଧ୍ୟ ଅନ୍ତର୍ଭୁକ୍ତ। ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ରେଞ୍ଜ ଟ୍ରାକିଂ ଉପକରଣ ଦ୍ୱାରା କଏଦ ହୋଇଥିବା ଉଡ଼ାଣ ତଥ୍ୟ ମାଧ୍ୟମରେ ‘ଅସ୍ତ୍ର’ ଯୁଦ୍ଧାସ୍ତ୍ର ପ୍ରଣାଳୀର ତ୍ରୁଟିହୀନ କାର୍ଯ୍ୟଦକ୍ଷତାକୁ ଯାଞ୍ଚ କରାଯାଇଥିଲା।

## କ୍ୟାଣ୍ଟିନ୍ ଠିକାଦାରଙ୍କୁ ମାଡ଼ ମାରିବା ଘଟଣା
## ବିଧାୟକ ସଞ୍ଜୟ ଗାୟକୱାଡଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ମୁମ୍ବାଇ,୧୧।୭: ମୁମ୍ବାଇର ଆକାଶବାଣୀ ବିଧାୟକ ବାସଭବନରେ ଜଣେ କ୍ୟାଣ୍ଟିନ୍ ଠିକାଦାରଙ୍କୁ ମାଡ଼ ମାରିବା ପାଇଁ ଶିବସେନା (ଏକନାଥ ସିନ୍ଦେ) ବିଧାୟକ ସଞ୍ଜୟ ଗାୟକୱାଡଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ମୁମ୍ବାଇ ପୁଲିସ୍। ସଞ୍ଜୟ ଗାୟକୱାଡଙ୍କ ବିରୋଧରେ ଅଣ-ଧର୍ତ୍ତବ୍ୟ ଅପରାଧ (ଏନ୍ସି) ରୁଜୁ କରିବାର ପ୍ରକ୍ରିୟା ଚାଲିଛି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବା ପରେ ଦୁଇ ଦିନ ତଳେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେଉଁଥିରେ ବାସି ଖାଦ୍ୟ ଦେଉଥିବାରୁ ସଞ୍ଜୟ ଗାୟକୱାଡ କ୍ୟାଣ୍ଟିନ୍ ଅପରେଟରଙ୍କୁ ମାଡ଼ ମାରୁଥିବାର ଦେଖାଯାଇଥିଲା। ଗାୟକୱାଡ ଦାବି କରିଥିଲେ ଯେ ଖାଦ୍ୟ; ବିଶେଷକରି ଡାଲି ଖୁବ୍ ନିମ୍ନମାନର ଥିଲା। ଯାହାକୁ ଖାଇବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ।

## ନାମ ଗୋପନ ରଖି ଦାନ କଲେ ମୁକୁଟ



ନୂଆଦିଲ୍ଲୀ,୧୧।୭: ଶିରିଡି ସାଇ ବାବା ମନ୍ଦିରକୁ ବିପୁଳ ପରିମାଣର ଦାନ ମିଳିବା କୌଣସି ନୂଆ କଥା ନୁହେଁ, କିନ୍ତୁ ଜଣେ ବ୍ୟକ୍ତି ଦେଇଥିବା ଦାନ ଚର୍ଚ୍ଚାର ବିଷୟ ପାଲଟିଛି। କାରଣ ଉକ୍ତ ସାଇ ଭକ୍ତଜଣକ ନିଜ ନାମ ଗୋପନ ରଖି ଗୁରୁ ପୂର୍ଣ୍ଣିମା ଅବସରରେ ସାଇ ବାବାଙ୍କ ମନ୍ଦିରରେ ଥିବା ଦାନ ବାକ୍ସରେ ପ୍ରାୟ ୬୫ ଲକ୍ଷ ଟଙ୍କାର ଅଳଙ୍କାର ଦାନ କରିଛନ୍ତି। ଗୁରୁ ପୂର୍ଣ୍ଣିମା ଦିନ ସାଇ ବାବାଙ୍କୁ ଦର୍ଶନ ପାଇଁ ମନ୍ଦିରରେ ପ୍ରବଳ ଭିଡ଼ ଲାଗିଥିଲ। ଭକ୍ତମାନେ ୫ରୁ ୬ ଘଣ୍ଟା ଧାଡ଼ିରେ ଠିଆ ହେବା ପରେ ହିଁ ସାଇ ବାବାଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥିଲେ। ସାଇ ଟ୍ରଷ୍ଟ ଶିରିଡିର ସିଇଓ ଗୋରକ୍ଷ ଗାଦିଲକର କହିଛନ୍ତି,‘ ଗୁରୁ ପୂର୍ଣ୍ଣିମା ଦିନ ଜଣେ ଅଜଣା ଦାତା ପ୍ରାୟ ୬୫ ଲକ୍ଷ ଟଙ୍କାର ଅଳଙ୍କାର ଦାନ କରିଛନ୍ତି। ଏହି ଦାନ ମଧ୍ୟରେ ୫୬୬ ଗ୍ରାମର ଏକ ସୁନାରେ ତିଆରି ମୁକୁଟ ରହିଛି। ଯାହାର ବର୍ତ୍ତମାନ ବଜାର ମୂଲ୍ୟ ପ୍ରାୟ ୫୯ଲକ୍ଷ ଟଙ୍କା ରହିଛି।

## କାଫେ ଉପରକୁ ଗୁଳିମାଡ଼ ପରେ କପିଲଙ୍କ ଘର ବାହାରେ ସୁରକ୍ଷା ବଢ଼ିଲା



ମୁମ୍ବାଇ,୧୧।୭: ଲୋକପ୍ରିୟ ହାସ୍ୟାଭିନେତା କପିଲ ଶର୍ମାଙ୍କ କାନାଡ଼ାସ୍ଥିତ କାଫେ ଉପରକୁ ଗୁଳିମାଡ଼ ଘଟଣା ପରେ ମୁମ୍ବାଇସ୍ଥିତ ତାଙ୍କ ବାସଭବନ ବାହାରେ ପୁଲିସ ଗତିବିଧି ଦେଖିବାକୁ ମିଳିଛି। କପିଲଙ୍କ ଘର ବାହାରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିଛି ମୁମ୍ବାଇ ପୁଲିସ।ଶୁକ୍ରବାର ସକାଳେ ମୁମ୍ବଇ ପୁଲିସର ଏକ ଟିମ୍ ହଠାତ୍ ଓଶିୱାରାସ୍ଥିତ କପିଲ ଶର୍ମାଙ୍କ ଘରେ ପହଞ୍ଚିଥିଲା। ତେବେ ପୁଲିସ କିଛି ସମୟ ରହିବା ପରେ କୌଣସି ବୟାନ ନ ଦେଇ ସେଠାରୁ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୁଲିସର ଉପସ୍ଥିତି ସମୟରେ କିଛି ସମୟ ପାଇଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଖବର ଅନୁସାରେ, ଏହି ଗସ୍ତ କେବଳ ସୁରକ୍ଷା ସମୀକ୍ଷା ପାଇଁ ଥିଲା। ପୁଲିସ ଜାଣିବାକୁ ଚାହୁଁଥିଲା ଯେ, କପିଲଙ୍କ ସୁରକ୍ଷା ଦାୟିତ୍ୱ କେଉଁ ଏଜେନ୍ସି ନେଇଛି, କେତେ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି ଏବଂ କୋଠା ଭିତରେ କେତେ ସତର୍କତା ଅବଲମ୍ବନ କରାଯାଉଛି। ଡିଏଲଏଚ ଏନକ୍ଲେଭ ନାମକ ବିଲ୍ଡିଂର ସପ୍ତମ ଏବଂ ନବମ ମହଲାରେ କପିଲ ନିଜ ପରିବାର ସହ ରୁହନ୍ତି। ବାସଭବନ ସହ କପିଲ ଶୁଟିଂ କରୁଥିବା ସ୍ଥାନରେ ମଧ୍ୟ ସୁରକ୍ଷା ବଢ଼ାଇ ଦିଆଯାଇଛି।

## ଭୂକମ୍ପରେ ପୁଣି ଥରିଲା ଦିଲ୍ଲୀ

ନୂଆଦିଲ୍ଲୀ,୧୧।୭: ପୁଣି ଦୋହଲିଲା ଦିଲ୍ଲୀ । ଭୂମିକମ୍ପ ଝଟକାରେ ପୁଣି ଥରିଲା ଦିଲ୍ଲୀ । ଲଗାତାର ୪୮ ଘଣ୍ଟା ଭିତରେ ୨ ଥର ଦିଲ୍ଲୀକୁ ଲାଗିଲାଣି ଭୂକମ୍ପର ଝଟକା । ଆଜି ସଞ୍ଜରେ ପୁଣି ଦିଲ୍ଲୀରେ ଭୂମିକମ୍ପ ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୭ ଥିବା ବେଳେ ସଂଧ୍ୟା ୭.୪୯ରେ ଭୂମିକମ୍ପ ଅନୁଭୂତ ହୋଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ହରିୟାଣାର ଝାଜର ରହିଛି ।ତେବେ ଗତକାଲି ବି ଦିଲ୍ଲୀ ଭୂମିକମ୍ପରେ ଦୋହଲିଥିଲା ।

## ଅପରେସନ୍ ସିନ୍ଦୂର’ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ: ଡୋଭାଲ୍



ନୂଆଦିଲ୍ଲୀ,୧୧।୭: ‘ଅପରେସନ୍ ସିନ୍ଦୂର’କୁ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ପ୍ରଶଂସା କରି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭାରତରେ ସମ୍ପ୍ରତି କ୍ଷତିର ବିଦେଶୀ ଗଣମାଧ୍ୟମ ରିପୋର୍ଟକୁ ଖାରଜ କରିଛନ୍ତି ।ପାକିସ୍ତାନର ମିସାଇଲ୍ ମାଡ଼ରେ ଭାରତର ଅନେକ କ୍ଷତି ହୋଇଥିବା ନେଇ ବିଦେଶୀ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲା । ଯାହାକୁ ନେଇ ଆଜି ପ୍ରତିକ୍ରିୟା ରଖିଛନ୍ତି ଅଜିତ୍ ଡୋଭାଲ । ଡୋଭାଲ୍ କହିଛନ୍ତି, ‘‘ମୋତେ ଭାରତୀୟ କ୍ଷତିର ଗୋଟିଏ ଫଟୋ ଦେଖାନ୍ତୁ - ଏପରିକି ଏକ କାଚ ଭାଙ୍ଗିଥିବାର ଦେଖାନ୍ତୁ,‘ । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପାକିସ୍ତାନ ବିରୋଧରେ ଭାରତର ‘ଅପରେସନ ସିନ୍ଦୂର’ ସମ୍ପର୍କରେ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଏହି ଅପରେସନରେ ଭାରତକୁ କୌଣସି କ୍ଷତି ହୋଇନାହିଁ । ଆଇଆଇଟି ମାଡ୍ରାସରେ ତାଙ୍କ ଭାଷଣରେ ଡୋଭାଲ କହିଛନ୍ତି, ବିଦେଶୀ ଗଣମାଧ୍ୟମ ‘ଅପରେସନ ସିନ୍ଦୂର’ ବିଷୟରେ ମିଥ୍ୟା ଖବର ପ୍ରସାରଣ କରିଛି । ମୋତେ ଏପରି ଗୋଟିଏ ଫଟୋ କି ଭିଡିଓ ଦେଖାଅ ଯେଉଁଥିରେ ଭାରତ କ୍ଷତି ସହିଛି । ଡୋଭାଲ ଆହୁରି କହିଛନ୍ତି, ଟେକ୍ନୋଲୋଜି ଏବଂ ୱାରଫେୟର ମଧ୍ୟରେ ସମ୍ପର୍କ ସର୍ବଦା ଗୁରୁତ୍ୱପୂର୍ଣ୍ଣ । ଆମେ ‘ଅପରେସନ୍ ସିନ୍ଦୂର’ ନେଇ ଗର୍ବିତ । ଆମେ ଗର୍ବିତ ଯେ ଏହି ଅପରେସନ୍ ସମୟରେ ଆମେ ସ୍ୱଦେଶୀ ଟେକ୍ନୋଲୋଜି ବ୍ୟବହାର କରିଥିଲୁ । ଆମେ ସୀମା ଆରପାରିରେ ନଅଟି ପାକିସ୍ତାନୀ ଘାଟି ଉପରେ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲୁ । ଆମର ସମସ୍ତ ଲକ୍ଷ୍ୟ ସଠିକ୍ ଥିଲା । ଆମେ କେବଳ ଆତଙ୍କବାଦୀ ଘାଟିଗୁଡ଼ିକୁ ଧ୍ୱଂସ କରିଥିଲୁ ।

## ଆକ୍ସିଅମ୍-୪ ମିସନ୍ ଅବଧି ବୃଦ୍ଧି
## ଶୁଭାଂଶୁ ଶୁକ୍ଲାଙ୍କ ପୃଥିବୀକୁ ଫେରିବାରେ ବିଳମ୍ବ ହେବ



ନୂଆଦିଲ୍ଲୀ,୧୧।୭: ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ଯାଇଥିବା ଆକ୍ସିଅମ୍-୪ ମିସନର ଅବଧି ୪ ଦିନ ବୃଦ୍ଧି ପାଇଛି। ଫଳରେ ଶୁଭାଂଶୁ ଶୁକ୍ଲା ଓ ତାଙ୍କ ସହକର୍ମୀମାନେ ମୂଳ କାର୍ଯ୍ୟସୂଚୀ ଅନୁଯାୟୀ ପୃଥିବୀକୁ ଫେରିବେ ନାହିଁ। ୟୁରୋପୀୟ ମହାକାଶ ଏଜେନ୍ସି (ଇଏସ୍‌ଏ) ଅନୁଯାୟୀ ମହାକାଶଚାରୀମାନେ ଅତିକମରେ ଜୁଲାଇ ୧୪ ପର୍ଯ୍ୟନ୍ତ ଅଭିଯାନ ଜାରି ରଖିବେ। ତେବେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ଲାଙ୍କ ପ୍ରତ୍ୟାବର୍ତ୍ତନରେ ବିଳମ୍ବ ନେଇ କୌଣସି ସୂଚନା ଦେଇନାହିଁ । ଟେକ୍ସାସସ୍ଥିତ ମହାକାଶ କମ୍ପାନି ହ୍ୟୁଷ୍ଟନ୍ ସ୍ପେସ୍ ଦ୍ୱାରା ପରିଚାଳିତ ଏହି ଐତିହାସିକ ଅଭିଯାନରେ ଶୁକ୍ଲାଙ୍କ ସହ ଆମେରିକାର ବରିଷ୍ଠ ମହାକାଶଚାରୀ ପେଗି ହ୍ୱିଟ୍ସନ୍, ପୋଲାଣ୍ଡର ମିସନ ବିଶେଷଜ୍ଞ ସାଓସ୍ ଉଜନାସ୍କି ଓ ହଙ୍ଗେରୀର ଚତୁର୍ଥ ମିସନ ବିଶେଷଜ୍ଞ ଟିବୋର୍ କାପୁ ରହିଛନ୍ତି। ସ୍ୱାସ୍ଥ୍ୟ, ପଦାର୍ଥ ବିଜ୍ଞାନ ଓ ମହାକାଶ ପ୍ରଯୁକ୍ତି ବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ବୈଜ୍ଞାନିକ ପରୀକ୍ଷଣ କରିବା ପାଇଁ ଏହି ୪ ମହାକାଶଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୪ଟି ଦେଶର ସମ୍ପୃକ୍ତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି ଅଭିଯାନ ଜୁନ୍ ୨୬ରୁ ଆରମ୍ଭ ହୋଇଥିଲା। ଅଂଶଗ୍ରହଣକାରୀ ରାଷ୍ଟ୍ରଙ୍କ ବ୍ୟତୀତ ୩୧ଟି ଦେଶ ଆକ୍ସ-୪ ମିସନରେ ଯୋଗଦାନ ଦେଇଛନ୍ତି। ଇଏସ୍‌ଏ କହିଛି, ତାରିଖ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ ଏବଂ ଏହା ଡ୍ରାଗନ୍ ମହାକାଶଯାନର ପୁନରୁଦ୍ଧାର ଉପରେ ନିର୍ଭର କରେ। ପ୍ରଥମେ ଜୁଲାଇ ୧୦ ତାରିଖରେ ଦଳ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ କରିବାର ଥିଲା, କିନ୍ତୁ ଇଏସ୍‌ଏ ସ୍ପଷ୍ଟ ସମୟସୀମା ବିନା ସ୍ଥଗିତ ଘୋଷଣା କରିବା ପାଇଁ ଏହା ନିଜ ୱେବସାଇଟରେ ପ୍ରତିକୂଳ ପାଣିପାଗ ପରିସ୍ଥିତିକୁ ଦର୍ଶାଇଛି।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାକୁ ପୂରିଲା ମାସେ

ନୂଆଦିଲ୍ଲୀ ୧୧।୭: ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାୟଡୁ ଅହମଦାବାଦ ଏୟାରଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ ବିମାନ ଦୁର୍ଘଟଣା ଅନ୍ୱେଷଣ ବ୍ୟୁରୋ କରୁଥିବା କହିଛନ୍ତି। ଏଣୁ ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଖୁବ୍ ଶୀଘ୍ର ମିଳିଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ଯାଞ୍ଚ ପ୍ରକ୍ରିୟାରେ ମନ୍ତ୍ରାଳୟ ସମ୍ପୂର୍ଣ୍ଣ ପାରଦର୍ଶିତା ଓ ଉତ୍ତର ଦାୟିତ୍ୱ ସୁନିଶ୍ଚିତ କରୁଥିବା କହିଛନ୍ତି। ଗତ ଜୁନ ୧୨ ତାରିଖ ଦିନ ଏୟାର ଇଣ୍ଡିଆର ବୋଇଂ ୭୮୭-୮ବିମାନ (ଏଆଇ-୧୭୧) ଅହମଦାବାଦ ଏୟାରପୋର୍ଟରୁ ଟେକଅଫ କରିବା ପରେ ଖସିପଡି ଜଳି ଯାଇଥିଲା। ରାତି ପାହିଲେ ଜୁଲାଇ ୧୨ ହେଲେ ଏ ପର୍ଯ୍ୟନ୍ତ ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ମଧ୍ୟ ଆସି ପାରି ନାହିଁ। ଏହି ବିମାନ ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀ ଓ ଚାଳକ ଦଳ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ତେବେ ସୌଭାଗ୍ୟ କ୍ରମେ ଜଣେ ଯାତ୍ରୀ



ଅକ୍ଷତେ ବର୍ତ୍ତି ଯାଇଥିଲେ। ଏହା ଏହି ଦୁର୍ଘଟଣାର ଏହା ସବୁଠୁ ବିରଳ ଓ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା।

## ଆମେରିକା ନାଗରିକଙ୍କୁ ଇରାନ ନ ଯିବାକୁ କହିଲେ ଟ୍ରମ୍ପ

ୱାଶିଂଟନ୍,୧୧।୭: ଆମେରିକା ଏବଂ ଇରାନ ମଧ୍ୟରେ ପରିସ୍ଥିତି ପୁଣି ଥରେ ଉତ୍ତେଜନା ଆଡ଼କୁ ଗତି କରୁଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆମେରିକା ଏହାର ନାଗରିକମାନଙ୍କୁ ଇରାନ ନ ଯିବାକୁ ପରାମର୍ଶ ଦେଇଛି। ଇରାନ ଯାତ୍ରା ସମ୍ପର୍କରେ ଆମେରିକା ଦ୍ୱାରା ଏକ ନୂତନ ଆଡଭାଇଜରୀ ଜାରି କରାଯାଇଛି, ଯେଉଁଥିରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ନାଗରିକମାନେ କୌଣସି ପରିସ୍ଥିତିରେ ଇରାନ ଯାତ୍ରା କରିବା ଉଚିତ୍ ନୁହେଁ। ଆମେରିକାର ବୈଦେଶିକ ବିଭାଗର କନସୁଲେଟ କାର୍ଯ୍ୟାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, ଆମେରିକୀୟ ନାଗରିକମାନେ କୌଣସି କାରଣରୁ ଇରାନ ଯାତ୍ରା କରିବା ଉଚିତ୍ ନୁହେଁ। ଇରାନରେ ଆମେରିକୀୟ



ନାଗରିକମାନଙ୍କୁ ଅପହରଣ ଏବଂ କୌଣସି ଅପରାଧ ବିନା ଗିରଫ କରାଯାଇଛି। ଏଥିରେ ଦ୍ୱୈତ ନାଗରିକତା (ଆମେରିକୀୟ-ଇରାନୀ) ଧାରଣ କରିଥିବା ନାଗରିକମାନେ ମଧ୍ୟ ଅନ୍ତର୍ଭୁକ୍ତ। କେତେକଙ୍କୁ ମିଥ୍ୟା ଅଭିଯୋଗରେ ବର୍ଷ ବର୍ଷ ଧରି ଜେଲ କରାଯାଇଛି, ମାନସିକ ନିର୍ଯାତନା ଦିଆଯାଇଛି ଏବଂ ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇଛି। କେବଳ ଆମେରିକୀୟ ପାସପୋର୍ଟ ରହିବା କିମ୍ବା ଆମେରିକା ସହିତ ସମ୍ପର୍କ ରଖିବା ଇରାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗିରଫଦାରୀର ଏକ କାରଣ ହୋଇପାରେ।

## ଆସିଲା କଡା ନିୟମ
## ରୋଗୀଙ୍କ ମୃତଦେହକୁ ଅଟକାଇ ପାରିବେନି ହସ୍ପିଟାଲ

ନୂଆଦିଲ୍ଲୀ,୧୧।୭: ଏବେ କୌଣସି ଘରୋଇ ହସ୍ପିଟାଲ ହେଉ କି ନର୍ସିଂ ହୋମ୍ ରୋଗୀଙ୍କ ମୃତଦେହକୁ ଅଟକାଇ ପାରିବେ ନାହିଁ । ମୃତ୍ୟୁ ହେବାର ୨ଘଣ୍ଟା ମଧ୍ୟରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିବା ବାଧ୍ୟତାମୂଳକ । ଚିକିତ୍ସା ପାଇଁ ଦେୟ ବାକି ଥିଲେ ବି ମୃତଦେହକୁ ଛାଡିବାକୁ ବାଧ ହେବେ ସବୁ ହସ୍ପିଟାଲର କର୍ତ୍ତୃପକ୍ଷ । ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଆସାମ ସରକାର । ଆଜି ଆସାମ କ୍ୟାବିନେଟରେ ଏନେଇ ଆସିଥିବା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସରକାର ଘୋଷଣା କରିଛନ୍ତି ଯେ ବିଲ୍ ବାକି ଥିଲେ ବି କୌଣସି ଘରୋଇ ମେଡିକାଲ ରୋଗୀଙ୍କ ମୃତ୍ୟୁ ହେବା ପରେ ଦୁଇ ଘଣ୍ଟାରୁ ଅଧିକ ସମୟ ମୃତଦେହକୁ ଅଟକାଇ ରଖିପାରିବେ ନାହିଁ। ସରକାର କହିଛନ୍ତି ମୃତ ଦେହକୁ ଅଟକାଇ ପରିବାର ଉପରେ ଚାପ ପକାଇବା ଅମାନବୀୟ । ଏଭଳି କରିବାକୁ ଅନୁମତି ଦିଆଯିବ ନାହିଁ । ଯଦି କୌଣସି ହସ୍ପିଟାଲ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ପାଇଁ ମୃତଦେହକୁ ରଖିବାର ସୂଚନା ମିଳେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ୨୪ଘଣ୍ଟା ଟୋଲ-ଫ୍ରି ହେଲ୍ପଲାଇନ୍ ନମ୍ବର ଆରମ୍ଭ କରିବେ । ଏଥିରେ ଅଭିଯୋଗ ଆସିଲେ ସଂପୃକ୍ତ ହସ୍ପିଟାଲର ଲାଇସେନ୍ସ ୪ରୁ ୬ମାସ ନିଲମ୍ବନ କରିବା ସହ ୫ଲକ୍ଷ ଟଙ୍କା ଜରିମାନା ହୋଇପାରେ । ଏହାସତ୍ତ୍ୱେ ପୁଣି ଥରେ ସମାନ ଭୁଲ କରିଲେ ହସ୍ପିଟାଲର ପଞ୍ଜିକରଣକୁ ସ୍ଥାୟୀ ଭାବରେ ବାତିଲ କରାଯିବ ।

# ଟେନିସ ଖେଳାଳି ରାଧିକା ଯାଦବଙ୍କୁ ଗୁଳି କରି ହତ୍ୟା
## ଝିଅର ଛାତିକୁ ୪ ରାଉଣ୍ଡ ଗୁଳି ମାରିଛି ବାପା





ନୂଆଦିଲ୍ଲୀ,୧୧।୭: ହରିୟାଣାର ଜାତୀୟ ସ୍ତରୀୟ ଟେନିସ ଖେଳାଳି ରାଧିକ ଯାଦବ(୨୫)ଙ୍କୁ ତାଙ୍କ ବାପା ଗୁଳି କରି ହତ୍ୟା କରିଛନ୍ତି। ଗୁରୁଗ୍ରାମ ସ୍ଥିତ ତାଙ୍କ ଘରେ ଘଟିଛି ଏହି ଘଟଣା ।ରାଧିକା ଯାଦବ ଗୁରୁଗ୍ରାମର ସେକ୍ଟର ୫୭ର ସୁଶାନ୍ତ ଲୋକ ଫେଜ୍-୨ରେ ତାଙ୍କ ପରିବାର ସହିତ ରହୁଥିଲେ। ଆଜି ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ତାଙ୍କ ବାପା ଦୀପକ ଯାଦବ ତାଙ୍କ ଉପରକୁ ୫ ରାଉଣ୍ଡ ଗୁଳି କରିଥିଲେ। ୪ଟି ଗୁଳି ରାଧିକାଙ୍କ ଶରୀରରେ ବାଜିଥିଲା। ରାଧିକାଙ୍କୁ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ରାଧିକାଙ୍କ ବାପାଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ବନ୍ଧୁକ ଜବତ କରାଯାଇଛି। ଝିଅକୁ ହତ୍ୟା କରିଥିବା ବାପାର ଧରାପଡିଲା ମିଛ । ପୋଷ୍ଟ ମର୍ଟମ ରିପୋର୍ଟ ଖୋଲିଲା ହତ୍ୟାକାରୀ ବାପାର ସତ । ଝିଅର ଛାତିକୁ ୪ ରାଉଣ୍ଡ ଗୁଳି କରି ହତ୍ୟା କରିଛି ବାପା । ଝିଅର ପିଠିକୁ ୩ଟି ଗୁଳି କରି ହତ୍ୟା କରିଥିବା କଥା ଏଫଆଇଆରରେ ଲେଖା ହୋଇଥିଲା । ହତ୍ୟା ପରେ ପୋଲିସ ଆଗରେ ବାପା ସ୍ୱୀକାର କରିଥିବା ବେଳେ ଏହା ପରେ ଭୁଲ ବୋଲି ପ୍ରମାଣିତ ହୋଇଥିଲା । ସରକାରୀ ହସ୍ପିଟାଲରୁ ମିଳିଥିବା ସୂଚନା ଅନୁସାରେ ରାଧିକାଙ୍କ ଛାତିରେ ୪ଟି ଗୁଳି ବାଜିଛି । ଯାହା ପରେ ତାଙ୍କର ମୃତ୍ୟୁ ହୋଇଛି ।ତେବେ ଗୁରଗ୍ରାମରେ ଘଟିଥିବା ଏକ ହୃଦୟ ବିଦାରକ ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି । ୨୫ ବର୍ଷୀୟ ଝିଅ ରାଧିକା ଯାଦବ ଯିଏ କି ଜଣେ ରାଜ୍ୟ ସ୍ତରୀୟ ଟେନିସ୍ ଖେଳାଳି , ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି ବାପା ଦୀପକ ଯାଦବ । ରାଧିକାଙ୍କ ବାପା ଦୀପକ ହତ୍ୟା ପରେ ସ୍ୱୀକାର କରି କହିଛନ୍ତି କିଛି ମାସ ହେବ ରାଧିକା ଏକ ଟେନିସ୍ ଏକାଡେମୀ ଖୋଲିଥିଲେ । ଏହା ପରେ ଲୋକମାନେ ମୋତେ ଟାହିଟାପରା କରିବା ଆରମ୍ଭ କରିଦେଲେ । ସମସ୍ତେ କହିଲେ କି ମୁଁ ମୋ ଝିଅର ରୋଜଗାର ଖାଉଛି । ସେଥିପାଇଁ ରାଧିକାକୁ ବାଧ କରୁଥିଲେ ଏକାଡେମୀ ବନ୍ଦ କରିବାକୁ କିନ୍ତୁ ଝିଅ ନ ମାନିବାରୁ କ୍ରୋଧିତ ହୋଇ ଗୁଳି କରି ମାରିଦେଲି ।

## ବିଦ୍ୟୁତ୍ ଆଘାତରେ କଲେଜ ଛାତ୍ରଙ୍କ ମୃତ୍ୟୁ

ବୁଗୁଡ଼ା:(ନିପ୍ର) : ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ବେତାରସିଂ ନୂଆଁ ସାହିର ବାବୁଲି ଜେନାଙ୍କ ବଡ଼ ପୁଅ ଆଶୀର୍ବାଦ ଜେନା(୧୯) । ଆଶୀର୍ବାଦ ଗୁରୁବାର ସନ୍ଧ୍ୟାରେ ଘରେ ଲାଗିଥିବା ପାଣି ମଟର ଖୋଲୁ ଥିବା ସମୟରେ ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା ତେବେ ଡାକ୍ତର ମୃତ ଘୋଷଣା କରିଥିଲେ । ସ୍ଥାନୀୟ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିଥିବା ଜଣାପଡିଛି।

## ୨୪ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ଖଣ୍ଡପଡ଼ା (ନି.ପ୍ର): ଖଣ୍ଡପଡ଼ା ଥାନା ଅଧିନ କୋସକା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ୨୪ ଲିଟର ଦେଶୀ ମଦ ଜବତ କରାଯିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ କୋସକା ଗ୍ରାମର ବଳଭଦ୍ର ଜାନି (୩୨)ଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଖଣ୍ଡପଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଚଢ଼ାଉ ଅଭିଯାନରେ କର୍ମଚାରୀ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ଓ ମିତାରାଣୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ ।ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଜଳଉତ୍ସ ବିଶୋଧନ



ହିଞ୍ଜିଳିକାଟୁ,(ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଡାଇରିଆ ବ୍ୟାପିଥିଲା ବେଳେ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଏହାର ପ୍ରଭାବ ପଡିଛି। ଗତ କିଛି ଦିନ ଧରି ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଓ ପାତ୍ରପୁର ବ୍ଲକର କିଛି ଅଞ୍ଚଳରେ ଡାଇରିଆରେ ଆକ୍ରାନ୍ତଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ପକ୍ଷରୁ ଚିହ୍ନଟ କରାଯାଇ ଚିକିତ୍ସା ବ୍ୟବସ୍ଥା କରାଯାଇଛି। କିଛି ସଂକ୍ରମିତ ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ଦେଖାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହା ଉପରେ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ଷା ଋତୁ ର ଆଗମନ ଏବଂ ସମ୍ଭାବ୍ୟ ଡାଇରିଆସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଜିଲ୍ଲାର ଜଳଉତ୍ସ ଗୁଡିକର ବିଶୋଧନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ସୁପରିଚାଳନାରେ ବ୍ଲକରେ ଥିବା ଜଳଉତ୍ସ ଗୁଡିକର ବିଶୋଧନ କରାଯାଇଛି। ବ୍ରହ୍ମପୁର ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ଇଂ ବିକାଶ କୁମାର ପତି ଓ ହିଞ୍ଜିଳିକାଟୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ମଳୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ହିଞ୍ଜିଳିକାଟୁ ବ୍ଲକର ସରକାରୀ ଓ ବେସରକାରୀ ଭାବେ ଥିବା ପାନୀୟ ଜଳ ଉତ୍ସ ଗୁଡିକର ବିଶୋଧନ କରାଯାଇଛି। ହିଞ୍ଜିଳିକାଟୁ ବ୍ଲକରେ ଥିବା ୧୪୨୩ ନଳକୂପ,୨୦୪ ଗଭୀର ନଳ କୂପ ଓ ୧୨୬ ଭୂଉଚ୍ଚ ଟାଙ୍କିକୁ ବ୍ଲିଚିଂ ପକାଯାଇ ବିଶୋଧନ କରଯାଇଛି। ୨ଟି ଭ୍ରାମ୍ୟମାଣ ଗାଡ଼ି, ପଞ୍ଚାୟତରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗର ଓ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ଦ୍ଦେଶ ଅନୁସାରେ ଆଶା ଓ ଅଙ୍ଗନବାଡି କର୍ମୀଙ୍କ ସହଯୋଗରେ ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ରର ପାନୀୟ ଜଳ ଟାଙ୍କି ଗୁଡ଼ିକୁ ବ୍ଲିଚିଙ୍ଗ ପକାଇ ବିଶୋଧନ କରାଯାଉଛି।

## ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ

ରମ୍ଭା(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ଶ୍ରୀ ଗୁରୁ ପୂର୍ଣ୍ଣିମା ଉତ୍ସବ' ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସର ରେ ରାଷ୍ଟ୍ରୀୟ ସ୍ୱୟ ସେବକ ସଂଘ ଗଞ୍ଜାମ ଖଣ୍ଡ ସଂଘ ଚାଳକ ଅମୁଲ୍ୟ କୁମାର ସେନାପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗୌରବ ଧ୍ୱଜ ତଥା ହିନ୍ଦୁ ସଂସ୍କୃତିର ପ୍ରତୀକ ବୋଲି ଅଭିହିତ କରିଥିଲେ । ସଭାପତି ଏମ. ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ରାମଚନ୍ଦ୍ର ବଡତ୍ୟା ଓ ମୁଖ୍ୟବକ୍ତା ଗୁରୁଜୀ ଗୁଣାକର ତ୍ରିପାଠୀ ଉପସ୍ଥିତ ରହି ମହର୍ଷି ବ୍ୟାସଙ୍କ ଜୀବନ ଚରିତ ଉପରେ ଆଲୋକପାତ କରିଥିଲେ ।

## ଉପକାରାଗାର ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରି ବିକ୍ଷୋଭ

ଖଣ୍ଡପଡ଼ା (ନି.ପ୍ର): ନୟାଗଡ କାରାଗାର ସହ ଖଣ୍ଡପଡ଼ା ଉପକାରାଗାରର ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରି ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ଦିବା ୧୧ ଘଣ୍ଟା ସମୟରେ ନାରାବାଜି ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଉପ ସଭାପତି ନିରଞ୍ଜନ ଦାସ ପ୍ରମୁଖ ଖଣ୍ଡପଡ଼ା ଉପକାରାଗାରର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ତୀବ୍ର ବିରୋଧ କରିବା ସହ ଏ ନେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ବ୍ରିଟିଶ ଅମଳରେ ସ୍ଥାପିତ ଖଣ୍ଡପଡ଼ା ଉପକାରାଗାରଟିକୁ ବନ୍ଦ କରିଦେବା ପାଇଁ ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ ମତ ଦେଇଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ବରିଷ୍ଠ ଆଇନଜୀବି ଗିରିଜାଶଙ୍କର ମିଶ୍ର ଓ ବିକ୍ରମ କେଶରୀ ଦେଓ ଖଣ୍ଡପଡ଼ାବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଉପକାରାଗାର ମିଶ୍ରଣ ନିଷ୍ପତ୍ତିରୁ ରାଜ୍ୟ ସରକାର ନ ଓହରିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ।

## କଟକ ଜିଲ୍ଲାରେ ବଜ୍ରପାତ ସଂପର୍କରେ ସଚେତନତା ରଥ ଗଡ଼ିଲା

କଟକ, (ନିପ୍ର): ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା ତଥା ଏଥି ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ ସମସ୍ତ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଆଜି ଅପରାହ୍ନରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସଂପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଏହି ରଥ ଜିଲ୍ଲାର ସହରାଞ୍ଚଳ ଓ ସମସ୍ତ ବ୍ଲକ ଗୁଡ଼ିକ ପରିକ୍ରମା କରି ଜନସାଧାରଣ ବଜ୍ରପାତ ସମୟରେ ପଦକ୍ଷେପ ସ୍ୱରୂପ କିପରି ସୁରକ୍ଷିତ ରହିପାରିବେ ଏଥି ସମ୍ବନ୍ଧୀୟ ସଚେତନତା ବା□ର୍ତ୍ତମାନ ପ୍ରଦାନ କରାଯିବ । ପ୍ରକାଶ ଥାଉକି, ସତର୍କତାମୂଳକ ପଦକ୍ଷେପ, ସୁରକ୍ଷା ବାର୍ତ୍ତା, ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା କମ କରିବା ଉପରେ ସୂଚନା ପ୍ରଦର୍ଶନୀ, ଅଡ଼ିଓ ଭିଜୁଆଲ ବାର୍ତ୍ତା ଏବଂ ସୂଚନା ପୁସ୍ତିକା ସହିତ ସଚେତନତା ରଥ ଜିଲ୍ଲାର ସମସ୍ତ ଅଂଚଳ ବୁଲି ପ୍ରଚାର ପ୍ରସାର କରିବ ।

### ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ୍

# ଝାଡ଼ଖଣ୍ଡର ତିନି ଜଣ ଅପରାଧୀ ଓ ଦୁଇ ଜଣ ଅଳଙ୍କାର ବ୍ୟବସାୟୀ ଗିରଫ



ଯୋଡ଼ା,(ନିପ୍ର): ବଡବିଲ ପୋଲିସକୁ ବଡ଼ ସଫଳତା ମିଳିଛି। ଏକ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ବଡବିଲ ପୋଲିସ । ବଡବିଲ,ଯୋଡ଼ା ଏବଂ ଆଖପାଖ ଅଞ୍ଚଳରେ ଭୟ ସୃଷ୍ଟି କରୁଥିବା ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛି ପୋଲିସ। ଏନେଇ ଶୁକ୍ରବାର ଦିନ ଏକ ସମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ । ଏହି ଘଟଣାରେ ୫ ଜଣ ଗିରଫ ହୋଇଥିବା ବେଳେ ୨୯.୫୩୦ ଗ୍ରାମ ସୁନା, ୩କେଜି ୬୮୧ ଗ୍ରାମ ରୂପା ସହ ଏକ ବାଇକ ଜବତ କରିବାରେ ସକ୍ଷମ ହୋଇଛି । ଏହି ହାଇ-ପ୍ରୋଫାଇଲ୍ ଅପରେସନର ନେତୃତ୍ୱ ବଡବିଲ ପୋଲିସ ଷ୍ଟେସନ୍ ଆଇଆଇସି ଅଶୋକ କୁମାର ନାୟକ ନେଇଥିଲେ। କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶକ୍ରମେ ବଡବିଲ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା ଏବଂ ସମସ୍ତ ଘଟଣାର ସଠିକ୍ ତଦନ୍ତ ପରେ ଝାଡ଼ଖଣ୍ଡ ରାଜ୍ୟର ୩ ଜଣ ଅପରାଧୀଙ୍କୁ ଚିହ୍ନଟ କରାଯାଇଥିଲା, ଯେଉଁଥିରେ ୨ ଜଣ ମଝିଗାଁ ଏବଂ ଜଣେ ଜଗନ୍ନାଥପୁରର ବାସିନ୍ଦା ବୋଲି ଜଣାପଡିଥିଲା। ପୋଲିସ ଦଳ ଉପରୋକ୍ତ ତିନି ଜଣଙ୍କ ଉପରେ ନଜର ରଖିଥିଲା। ଏହି ସମୟରେ, ପୋଲିସ ଏକ ଗୁପ୍ତ ସୂତ୍ରରୁ ସୂଚନା ପାଇ ବଡବିଲ ଥାନା ଅନ୍ତର୍ଗତ ଗଡା ହାଟିଂ ଅଞ୍ଚଳରେ ଚଢ଼ାଉ କରି ଡକାୟତି କରିବାକୁ ଚେଷ୍ଟା କରୁଥିବା ସମୟରେ ଗିରଫ କରିଥିଲା। ଛିନତାଇ ଓ ଲୁଟ୍ ଗ୍ୟାଙ୍ଗର ୩ ସଦସ୍ୟଙ୍କ ସମେତ ୨ ଜୁଏଲାରୀ ଦୋକାନୀଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି ପୋଲିସ୍ । ଏହି ଲୁଟେରା ଗ୍ୟାଙ୍ଗ ଗତ କିଛି ମାସ ମଧ୍ୟରେ ବଡ଼ବିଲ ଥାନା ଅଞ୍ଚଳରେ ୫ଟି, ଯୋଡ଼ାରେ ୩ଟି ଓ ଚମ୍ପୁଆ ଥାନା ଅଞ୍ଚଳରେ ଗୋଟିଏ ଛିନତାଇ ଓ ଲୁଟ୍ ଘଟଣାରେ ସଂପୃକ୍ତ ଥିବାନେଇ ପୋଲିସ୍ ଆଗରେ ସ୍ୱୀକାର କରିଛନ୍ତି । ଏମାନଙ୍କ ନିକଟରୁ ୨୯. ୫୩୦ ଗ୍ରାମର ସୁନା ଅଳଙ୍କାର, ୩ କେଜି ୬୮୧ ଗ୍ରାମ ରୂପା ଅଳଙ୍କାର ଓ ଗୋଟିଏ ଜେଏଚ- ୦୫ବିଏନ-୯୨୬୬ ନମ୍ବର ହୋଣ୍ଡା ସାଇନ ବାଇକ୍ ଜବତ୍ ହୋଇଛି । ଗିରଫ ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ ପ୍ରଦେଶର । ଏମାନେ ହେଲେ, ଝାଡ଼ଖଣ୍ଡ ମଝିଗାଁ ଥାନା ଅଞ୍ଚଳର ରାଜେନ୍ଦ୍ର ପିଙ୍ଗୁଆ ଓରଫ ବିଜୟ,ଦୀପକ ଗୋପ୍ , ଜଗନ୍ନାଥପୁର ଥାନା ଅଞ୍ଚଳର ସରୋଜ କେଶରୀ ଏବଂ ବାଗବେଡ଼ା ଅଞ୍ଚଳର ଶିବଶକ୍ତି ଜୁଏଲର୍ସ ମାଲିକ ଶିବପ୍ରକାଶ ପ୍ରସାଦ ଓ ତାଙ୍କ ସହଯୋଗୀ ରାଜେନ୍ଦ୍ର ପ୍ରସାଦ । ଏନେଇ ଆଜି ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଏକ ପ୍ରେସ୍ ମିଟରେ ସୂଚନା ଦେଇଛନ୍ତି । ବିଶେଷ କରି ବୟସ୍କା ମହିଳାମାନଙ୍କୁ ଏହି ଗ୍ୟାଙ୍ଗ ଟାର୍ଗେଟ କରୁଥିଲା । ଏମାନଙ୍କ ଗିରଫଦାରୀ ପରେ ଏଭଳି ଘଟଣା ଉପରେ ଅଙ୍କୁଶ ଲାଗିପାରିବ ବୋଲି ଆଶା କରାଯାଉଛି ।

## ପୁରୀ ଦଳାଚକଟା: ମତାମତ ରଖିଲେ ୪୮ ଜଣ

ପୁରୀ,୧୧।୭(ନିପ୍ର) ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳା ଚକଟା ଘଟଣାର ତଦନ୍ତ ଚାଲିଛି। ଏହି କ୍ରମରେ ପୁରୀ ସର୍କିଟ ହାଉସରେ ଦଳା ଚକଟା ଘଟଣାର ତଦନ୍ତ କରୁଥିବା ତଦନ୍ତ କମିଶନ ଅଧକ୍ଷା ଅନୁ ଗର୍ଗ ବିଭିନ୍ନ ବର୍ଗର ଲୋକଙ୍କ ସାକ୍ଷ୍ୟ ଗ୍ରହଣ କରିଛନ୍ତି। ବିଭିନ୍ନ ବର୍ଗର ଲୋକମାନେ ଏହି ଘଟଣାକୁ ନେଇ ନିଜର ମତାମତ ରଖିଛନ୍ତି। ବୁଦ୍ଧିଜୀବୀ, ସାମ୍ବାଦିକ, ସେବାୟତ, ଆଇନଜୀବୀ, ସୂଚନା ଅଧିକାର କର୍ମୀ ପୁରୀ ସର୍କିଟ ହାଉସ୍‌ରେ ଉପସ୍ଥିତ ରହି ନିଜର ମତାମତ ଦେଇଛନ୍ତି। କେଉଁ ପରିସ୍ଥିତିରେ ଘଟଣା ଘଟିଲା, ଏହି ଘଟଣା କୁ ଯଦି କିଛି ତଥ୍ୟ ରହିଛି କମିଶନଙ୍କ ନିକଟ ରେ ନିଜର ମତାମତ ଓ ତଥ୍ୟ ଦେବାକୁ କମିଶନ ଆହ୍ୱାନ କରିଥିଲେ। ତେବେ ଭିଡ ନିୟନ୍ତ୍ରଣରେ ବିଫଳତା, ରାତ୍ର ପହୁଡ଼ ନୀତିରେ ବ୍ୟତିକ୍ରମ, ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତାଳ ମେଳ ଅଭାବ ଯୋଗୁଁ ଏହି ଦଳା ଚକଟା ଘଟଣା ଘଟିଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାରେ ଉପଯୁକ୍ତ ତଦନ୍ତ କରାଯାଇ ଏହି ଘଟଣା ପଛରେ ଦାୟୀ ଅଧିକାରୀଙ୍କ ବିରୋଧ ରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ବୁଦ୍ଧିଜୀବୀ।ତଦନ୍ତ କମିଶନ ଅଧକ୍ଷା ଅନୁ ଗର୍ଗ ପ୍ରତିକ୍ରିୟାରେ କହିଛନ୍ତି, ପୁରୀରେ ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣାର ସାକ୍ଷ୍ୟ ଗ୍ରହଣ ହେଲା। ମୋଟ ୪୮ ଜଣ ବିଭିନ୍ନ ବର୍ଗର ବ୍ୟକ୍ତି ନିଜର ମତାମତ ରଖିଛନ୍ତି। ଦିନ ୩ ଟା ରୁ ରାତି ୯ ଟା ପର୍ଯ୍ୟନ୍ତ ସାକ୍ଷ୍ୟ ଗ୍ରହଣ ଚାଲିଥିଲା। ତଦନ୍ତ ଚାଲିଥିବାରୁ ଏବେ କିଛି କହିବା ଉଚିତ ନୁହେଁ।"

## ଚୋରା ମଦ ଜବତ :୨ ମହିଳାଙ୍କ ସମେତ ୮ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା,(ନିପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ ଓ ଜମ୍ବୁ ମେରାଇନ ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ପ୍ରଭାକରପୁର ଗ୍ରାମର କାଳିଆ ଖିଲାରଙ୍କ ଠାରୁ ୪୦୯ ଲିଟର ଦେଶୀ ରନ୍ଧା ମଦ, ଶ୍ୟାମସୁନ୍ଦର ରାଉତଙ୍କ ଠାରୁ ୪୨୧ ଲିଟର ଦେଶୀ ରନ୍ଧା ମଦ, ଶୁକ ଖିଲରଙ୍କ ଠୁ ୫୪୫ ଲିଟର ଦେଶୀ ରନ୍ଧା ମଦ ରଜତ ରାଉତଙ୍କ ଠାରୁ ୪୯୧ ଲିଟର ଦେଶୀ ରନ୍ଧା ମଦ ଓ ରାଜେଶ ସେଠିଙ୍କ ଠାରୁ ୩୧୧ ଲିଟର ଦେଶୀ ରନ୍ଧା ମଦ, ତିଖିରି ଗ୍ରାମର କୁମାର ବେହେରାଙ୍କ ଠୁ ୩୨୫ ଲିଟର ଦେଶୀ ରନ୍ଧା ମଦ ଶସ୍ମିତା ବେହେରାଙ୍କ ଠୁ ୪୮୪ ଲିଟର ଦେଶୀ ରନ୍ଧା ମଦ ଓ ତିଖିରି ଗ୍ରାମର ଶସ୍ମିତା ବେହେରାଙ୍କ ଠାରୁ ୫୬୭ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ସମୁଦାୟ ୩୫୫୩ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୨ ମହିଳା ସମେତ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ପଦ୍ମ ଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ କଳ୍ପନା ରାଉତ ଓ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

### ମରାମତି ପରେ ବି ଗଳୁଛି ପାଣି

## ବାରଣ୍ଡାରେ ଗଢାଯାଉଛି ପିଲାଙ୍କ ଭବିଷ୍ୟତ




ଚମ୍ପୁଆ,(ନିପ୍ର): ସରକାର କୁନିକୁନି ଶିଶୁଙ୍କ ଭବିଷ୍ୟତ ଗଢିବା ନିମନ୍ତେ ଅଙ୍ଗନୱାଡି ମାଧ୍ୟମରେ ଶିଶୁଙ୍କୁ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ପ୍ରାକଶିକ୍ଷାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରି ଅନୁସାଙ୍ଗିକ ବ୍ୟବସ୍ଥାକୁ ସଦୃଢ କରିଛନ୍ତି ମାତ୍ର ଚମ୍ପୁଆ ବ୍ଲକର ଜାମୁଦଲକ ପଞ୍ଚାୟତ ଜଗନ୍ନାଥପୁର ଠାରେ ଥିବା ଅଙ୍ଗନୱାଡି କେନ୍ଦ୍ର ଆଜି ପରିହାସର କେନ୍ଦ୍ର ପାଲଟିଛି। ଗତବର୍ଷ ଏହିକେନ୍ଦ୍ରର ଛାତର ରଡ ଦେଖାଯାଉଥିବା ବେଳେ ବିପଦସଙ୍କୁଳ ଅବସ୍ଥା ଦେଖାଯାଇଥିଲା। ଗଣମାଧମରେ ଖବରପ୍ରଶାରଣ ପରେ ଏହିକେନ୍ଦ୍ରକୁ ମରାମତି କରାଯାଇଥିଲେ ହେଁ ବର୍ଷଟିଏ ପୂରଣ ନହେଉ କେନ୍ଦ୍ରର ଛାତରୁ ପାଣିଗଳି ଗୃହମଧରେ ଠୁଳହେବା ସହିତ ପିଲାଙ୍କ ନିମନ୍ତେ ଥିବା ଚାଉଳ ଠାରୁ ଆରମ୍ଭ କରି ଆସବାବ ପତ୍ର ଭିଜୁଥିବାର ଦେଖିବାକୁ ମିଳିଛି। ନିମ୍ନ ମାନର ମରାମତିକୁ ସ୍ଥାନିୟଲୋକ ଦାୟିକରିଛନ୍ତି। କର୍ମୀ ଓ ହେଲପର କେନ୍ଦ୍ରକୁ ଆସି ପ୍ରଥମେ ବର୍ଷାଜଳ ସଫାକରୁଥିବା ସହିତ ବାରଣ୍ଡାରେ ପାଲପକାଇ ପିଲାଙ୍କୁ ବସାଇ ଶିକ୍ଷାପ୍ରଦାନ କରୁଛନ୍ତି। ଅନ୍ୟପକ୍ଷରେ ଓଦା ଓ ସନ୍ତସନ୍ତିଆ ପରିବେଶପାଇଁ ଅଭିଭାବକମାନେ କୁନିକୁନି ପିଲାଙ୍କୁ କେନ୍ଦ୍ରକୁ ଛାଡିବାକୁ ଅମଙ୍ଗ ହେଉଥିବା ଜଣାଯାଇଛି।ଏନେଇ ସି ଡି ପି ଓ ଲକ୍ଷ୍ମିକାନ୍ତି ମାରାଣ୍ଡିଙ୍କୁ ପଚାରିବାରୁ କହିଛନ୍ତି ଯେ ଏହି କେନ୍ଦ୍ରଟି ଡେମେଜ ଥିଲା ଲେଖିକି ଦେବାପରେ ଏହାର ମରାମତି କରାଯାଇ ରଙ୍ଗ ଦିଆଯାଇଥିଲା। ମାତ୍ର ମରାମତି କିପରି ହେଉଛି ତାହା ବ୍ଲକକର୍ତ୍ତୃପକ୍ଷ ତଦାରଖ କରିବା କଥା । ନାମକୁ ମାତ୍ର ମରାମତି କରାଯାଉଥିବାରୁ ଏଭଳି ଘଟୁଛି।

## ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟ ଚାଷୀ ଦିବସ

କଟକ, (ନିପ୍ର): ସଂପ୍ରତି ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ ଅବସରରେ ଜିଲ୍ଲା ମତ୍ସ୍ୟ ଅଧିକାରୀ କଟକଙ୍କ ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ ନାୟକ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାଜଶ୍ରୀ ବେହେରା ଯୋଗ ଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷି ତଥା ପ୍ରାଣୀ ସଂପଦ ବିକାଶ ବିଭାଗର ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଅଭିଭକ୍ତ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପୋ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସଂପନ୍ନ ହୋଇଥିଲା । ଏହି ମହତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ଜୁଲାଇ ୧୦ ତାରିଖକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇ ଆସୁଅଛି ।

## ରାମଦାସ ପୁର ପ୍ରାଥମିକ ବିଦ୍ୟାଳୟକୁ ୟୁଜି ୟୁପି ମାନ୍ୟତା



ବାଲିଚନ୍ଦ୍ରପୁର,(ନିପ୍ର): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ରାମଦାସ ପୁର ପ୍ରାଥମିକ ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ଅପଗ୍ରେଡଡେସନ କରାଯାଇଛି। ରାମଦାସ ପୁର ଗ୍ରାମରେ ୧୯୮୯ ମସିହାରେ ସ୍ଥାପିତ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉ ପ୍ରା ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ବଟକୃଷ୍ଣ ସ୍ୱାଇଁ ୨୦୨୫ ମସିହା ଜାନୁଆରୀ ମାସରେ ଚାକିରିରୁ ଅବସର ନେବାପରେ ବିଦ୍ୟାଳୟଟି ଶିକ୍ଷକ ଶୂନ୍ୟ ହୋଇଯିବାରୁ ଗଣଶିକ୍ଷା ବିଭାଗ ଦ୍ୱାରା ଏହାର ସ୍ୱୀକୃତି ପ୍ରତ୍ୟାହାର ହୋଇଥିଲା ।ବିଦ୍ୟାଳୟରେ ପଢୁଥିବା କୁନି କୁନି ପିଲାମାନେ ୩କିମି ଦୂରରେ ଥିବା ରଇପୁର ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଥିଲେ। ମାତ୍ର ଯିବା ବାଟରେ ଏକ ବ୍ୟସ୍ତ ବହୁଳ ପର୍ଯ୍ୟଟନ ରାସ୍ତା ଓ ୫ଟି ସ୍ଥାନରେ ଟ୍ରାଫିକ ସମସ୍ୟା ଥିବାରୁ କେତେକ ପିଲା ଭୟରେ ବିଦ୍ୟାଳୟକୁ ଯାଉନଥିଲେ। ପିଲାମାନଙ୍କ ଜୀବନ ପ୍ରତି ବିପଦ ତଥା ଡ୍ରପ୍ ଆଉଟ ହେବାର ଆଶଙ୍କା ଥିବାରୁ ଗ୍ରାମବାସୀମାନେ ବଡ଼ଚଣାର ମାନ୍ୟବର ବିଧାୟକ ଅମର କୁମାର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ସମସ୍ତ ପ୍ରକାର ଅସୁବିଧାକୁ ହୃଦୟଙ୍ଗମ କରି କୁନି କୁନି ପିଲାଙ୍କ ସୁରକ୍ଷା ଓ ପାଠପଢାର ସୁବିଧା ପାଇଁ ସହଯୋଗର ହାତ ବଢ଼ାଇଥିଲେ। ମାନ୍ୟବର ବିଧାୟକ ଓ ବାଇଧର ସେନାପତିଙ୍କ ସହଯୋଗ ଓ ପ୍ରଚେଷ୍ଟା ଫଳରେ ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗର ଚିଠି ନ - ୧୮୯୪୧ ତା ୧୧।୭। ୨୦୨୫ ରେ ରାମଦାସପୁର ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଥିବାରୁ ସମସ୍ତ ଗ୍ରାମବାସୀ ,ଛାତ୍ରଛାତ୍ରୀ,ବିଦ୍ୟାଳୟ କମିଟି ସଭ୍ୟ ସଭ୍ୟାଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି ଅକୁଣ୍ଠ ସାହାଯ୍ୟ ପାଇଁ ଗଣଶିକ୍ଷା ବିଭାଗର ସମସ୍ତ ଉଚ୍ଚପଦସ୍ଥ ଅଫିସର ଓ ବଡଚଣାର ମାନ୍ୟବର ବିଧାୟକ ଅମର କୁମାର ନାୟକ ମହୋଦୟଙ୍କୁ ଗ୍ରାମବାସୀ ମାନଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଗୋକୁଳାନନ୍ଦଜୀଉଙ୍କ ପୀଠରେ ଗୁରୁ ପୂର୍ଣ୍ଣିମା

ଖଣ୍ଡପଡ଼ା (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧିନ ସିଧାମୂଳା ଗ୍ରାମସ୍ଥିତ ପ୍ରଭୁ ଶ୍ରୀଗୋକୁଳାନନ୍ଦଜୀଉଙ୍କ ପୀଠରେ ଗୁରୁବାର ଗୁରୁପୂର୍ଣିମା ଉତ୍ସବ ପାଳିତ ହୋଇଯାଇଛି ।ପ୍ରଭୁ ଗୋକୁଳାନନ୍ଦଙ୍କ ପୀଠର ପ୍ରତିଷ୍ଠାତା ସ୍ୱାମୀ ରାମଲକ୍ଷଣ ଦାସଜୀ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାପାଠ କରାଯାଇଥିଲା ।ଏ ଅବସରରେ ଭଜନ, ନାମ ସଂକୀର୍ତ୍ତନ ,ଭାଗବତ ପାଠ ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଇଥିଲା। ପ୍ରଭୁ ଶ୍ରୀଗୋକୁଳାନନ୍ଦ ଜୀଉଙ୍କ ପୀଠ ପରିଚାଳନା କମିଟିର ସଂପାଦକ ଚନ୍ଦ୍ର ଶେଖର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ୩ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର

### ବ୍ୟବହାର ହେଉଛି ଲୋ ଗ୍ରେଡ୍ ବାଲି ଓ ଚିପ୍ସ !



କୋଣାର୍କ,(ନି: ପ୍ର): ରାଜ୍ୟ ସରକାରଙ୍କ ପାନୀୟ ଜଳ ଯୋଗାଣ ବିଭାଗ ଓ ସହରାଞ୍ଚଳରେ ପାଣି ଯୋଗାଉଥିବା ୱାଟକୋ ସଂସ୍ଥା ପକ୍ଷରୁ କୋଣାର୍କରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଏନେଇ କୋଣାର୍କ ଏନ୍‌ଏସିରେ ୪ଟି ସୂଉଚ୍ଚ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ଜାରି ରହିଛି। ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ଜମି ଅଧିଗ୍ରହଣ ହୋଇନଥିବା ବେଳେ, ସୂର୍ଯ୍ୟ ମନ୍ଦିର ପଛପଟ ପୋଲିସ୍ ଫାୟାରିଂ ବାଲି ବନ୍ତ ନିକଟରେ ହେଉଥିବା ପାଣି ଟାଙ୍କିର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଦେଖିବାକୁ ମିଳୁଛି । ନିର୍ମାଣ ସମୟରେ ଠିକାଦାର ଏଜେନ୍ସି କି କୌଣସି ସହକାରୀ ପରିଚାଳକ ତଥା କନିଷ୍ଠ ଯନ୍ତ୍ରୀ ରହୁ ନାହାଁନ୍ତି । ଯାହା ଫଳରେ ଜଣେ ଅସାଧୁ ଦଲାଲ୍ ମାଧ୍ୟମରେ କାର୍ଯ୍ୟ କରୁଛନ୍ତି ଭୁବନେଶ୍ୱରରେ ରହୁଥିବା ଠିକାଦାର ଜଣଙ୍କ । କାର୍ଯ୍ୟରେ ନିମ୍ନ ମାନର ତଥା ଲୋ ଗ୍ରେଡ୍ ବାଲି ଓ ଚିପ୍ସ ବ୍ୟବହାର ହେଉଛି । କୋଣାର୍କ ଅଞ୍ଚଳରେ ବିଶୁଦ୍ଧ ଜଳ ପାଇବା ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ, ନିର୍ମାଣ କାର୍ଯ୍ୟରେ ଲାଗୁଥିବା ନିମ୍ନ ମାନର ଗୋଡ଼ି ଓ ବାଲି ପଡ଼ିଥିବା ଦେଖି ପୂର୍ବତନ ବିଜେପି ବିଧାୟକ ବାଇଧର ମଲ୍ଲିକ ତାଗିଦ୍ କରିଥିଲେ ମଧ୍ୟ ତାଙ୍କୁ କେହି ଖାତିର କରି ନଥିଲେ, ନିଜକୁ କାର୍ଯ୍ୟ ନେଇଥିବା ଠିକାଦାରଙ୍କ ପାର୍ଟନର କହୁଥିବା ଅସାଧୁ ଦଲାଲ୍ ଜଣଙ୍କ ଅର୍ଥ ହଡ଼ପ କରି ନିମ୍ନ ମାନର ବାଲି, ଗୋଡ଼ି ଓ ସିମେଣ୍ଟ ବ୍ୟବହାର କରୁଛନ୍ତି । ଏନେଇ କନିଷ୍ଠ ଯନ୍ତ୍ରୀ ତଥା ସହକାରୀ ପରିଚାଳକଙ୍କୁ ପଚାରିଲେ ମଧ୍ୟ ସେ କଥାକୁ ଆଡେଇ ଦେଇଥିଲେ ।ସହକାରୀ ଯନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ବେହେରାଙ୍କୁ ପଚାରିବାରୁ ସେ ଏନେଇ ଠିକାଦାରକୁ ପଚାରୁଛି ବୋଲି କହିଥିଲେ । କିନ୍ତୁ ଉକ୍ତ ନିମ୍ନ ମାନର ବାଲି ଓ ଗୋଡ଼ିରେ କାର୍ଯ୍ୟ ଜାରି ରହିଥିବା ବେଳେ ଏହାର ଆଗାମୀ ସ୍ଥାୟୀତ୍ୱକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମନରେ ନାନା ଆଶଙ୍କା ସୃଷ୍ଟି ହୋଇଚି । ଏନେଇ ପାନୀୟ ଜଳ ପ୍ରକଳ୍ପ ବିଭାଗୀୟ ମନ୍ତ୍ରୀ, ଉଚ୍ଚପଦସ୍ଥ ଅଧିକାରୀ, ପୁରୀ ଜିଲ୍ଲାପାଳ ଚଞ୍ଚଳ ରଣା,ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉକ୍ତ ଘଟଣାଟିକୁ ଅନୁଧ୍ୟାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ବାସିନ୍ଦା ମାନେ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ।



ରାହୁଲ ଗାନ୍ଧୀଙ୍କୁ ଶୁଭେଚ୍ଛା ଜଣାଇ ବରମୁଣ୍ଡା ପଡ଼ିଆଠାରେ ନୃତ୍ୟଗୀତ । (ଫଟୋ-ଦିନଲିପି)

# ଭୁବନେଶ୍ୱରରେ ଆୟୋଜନ ହେବ ବିଶ୍ୱ ଆଥଲେଟ୍ କଣ୍ଟିନେଣ୍ଟାଲ ଟୁର୍

ଭୁବନେଶ୍ୱର,୧୧।୭: ବିଶ୍ୱ ଆଥଲେଟ୍ କଣ୍ଟିନେଣ୍ଟାଲ ଟୁର୍ ଭୁବନେଶ୍ୱରରେ ଆୟୋଜନ ହେବ। ଦେଶରେ ପ୍ରଥମଥର ପାଇଁ ଏହି କ୍ରୀଡ଼ା ସମାରୋହର ଆୟୋଜନ ହେବ। କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ଉପରେ ବିଶ୍ୱାସ କରିଥିବାରୁ ବିଶ୍ୱ ଆଥଲେଟିକସ, ଆଥଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ ଓ କେନ୍ଦ୍ର ସରକାର କଳିଙ୍ଗ ଷ୍ଟାଡିୟମରେ ଭରସା କରିଛନ୍ତି। ୨୦୧୭ ପରେ ଓଡ଼ିଶା ଏମିତି ଏକ ବଡ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି। କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧୦ରେ ଏହା ଆୟୋଜନ କରାଯିବ, ଯାହା କେବଳ ଗୋଟିଏ ଦିନ ପାଇଁ ଏହି ପ୍ରତିଯୋଗିତା ଅୟୋଜନ କରାଯିବ। ଏଥିରେ ୨୦ଟି ଇଭେଣ୍ଟକୁ ସ୍ଥାନ ଦିଆଯାଇଛି। ବିଶ୍ୱ ରାଙ୍କି ପାଇଁ ଏହା ଗୋଟିଏ ବଡ ପ୍ଲାଟ ଫର୍ମ ହେବ ଖେଳାଳିଙ୍କ ପାଇଁ। ଏଥିରେ ୧୦ରୁ ଅଧିକ ଦେଶର ପ୍ରାୟ



୧୫୦ରୁ ଅଧିକ ଖେଳାଳି ଭାଗ ନେବେ। ଆଶା କରାଯାଉଛି ପ୍ରାୟ ୧୫ରୁ ୨୦ ଦେଶ ସାମିଲ ହେବେ। କାହିଁକି ନା ଆବେଦନର ଶେଷ ତାରିଖ ଜୁଲାଇ ୧୬ ପର୍ଯ୍ୟନ୍ତ ରହିଛି। ଏପର୍ଯ୍ୟନ୍ତ ପ୍ରସ୍ତୁତ ହେଉଥିବା ତାଲିକା ଅନୁସାରେ ୧୦୦ ଭାରତୀୟ ଖେଳାଳି ଓ ୫୦ ବିଦେଶୀ ଖେଳାଳି ସାମିଲ ହେବେ। ଏହି କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ।

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ୨୦ରେ

- ୧୯୩ କେନ୍ଦ୍ରରେ ପରୀକ୍ଷା ଦେବେ ୭୫୪୦୩ ପରୀକ୍ଷାର୍ଥୀ
- ପ୍ରଶ୍ନପତ୍ରରେ ରହିବ କ୍ୟୁଆର କୋଡ୍

କଟକ,୧୧।୭(ନିପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି (ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ) ପରୀକ୍ଷା ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବ । ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକମାନଙ୍କ ପାଇଁ ଏହି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବ। ବୋର୍ଡ଼ ସୂଚନା ମୁତାବକ, ପ୍ରଥମ ପତ୍ର ପରୀକ୍ଷା ଜୁଲାଇ ୨୦ ସକାଳ ୯ ଟାରୁ ୧୧.୩୦ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପତ୍ର ପରୀକ୍ଷା ସେହିଦିନ ଅପରାହ୍ନ ୨ଟା ରୁ ୪ଟା ୩୦ ମିନିଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରାଜ୍ୟର ୧୯୩ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୭୫୪୦୩ (ପେପର-୧ରେ ୨୯୦୦୪ଜଣ ଏବଂ ପେପର-୨ ରେ ୪୬୩୯୯ଜଣ) ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ । ଜୁଲାଇ ୧୨ ତାରିଖରୁ ପରୀକ୍ଷାର୍ଥୀମାନେ ବୋର୍ଡ଼ର ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ ରୁ ଆଡ଼ମିଟ କାର୍ଡ଼ ଡାଉନଲୋଡ଼ କରିପାରିବେ । ପ୍ରଥମ ଥର ପାଇଁ ଓଟିଇଟି ପ୍ରଶ୍ନପତ୍ରରେ ୱାଟରମାର୍କ ଓ କ୍ୟୁଆର କୋଡ଼ ବ୍ୟବହାର କରାଯାଇଛି । ଡାଇନାମିକ ଏବଂ ଷ୍ଟାଟିକ କ୍ୟୁଆର କୋଡ଼ ଉଭୟ ଦିଆଯାଇଛି । ଯଦି କୌଣସି କେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ହୁଏ, ତେବେ ବୋର୍ଡ଼ ଏହାକୁ ସହଜରେ ଧରିପାରିବ । ବୋର୍ଡ଼ ପକ୍ଷରୁ ଜୁଲାଇ ୧୮ ତାରିଖରୁ ପ୍ରଶ୍ନପତ୍ରକୁ ୩ଟି ସ୍ତରରେ ପ୍ୟାକ କରି ଏକ ଡିଜି ଲକରରେ ଆଲୁମିନିୟମ ଟ୍ରଙ୍କରେ ସମସ୍ତ ଜିଲ୍ଲାକୁ ପଠାଇବାର ବ୍ୟବସ୍ଥା କରାଯାଇଛି । ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ କେନ୍ଦ୍ରୀୟ କମାଣ୍ଡ ଦ୍ୱାରା ଡିଜି ଲକର ଖୋଲାଯିବ । ଯଦି କୌଣସି ସ୍ଥାନରେ ଇଣ୍ଟରନେଟ ସମସ୍ୟା ହୁଏ, ତେବେ ବୋର୍ଡ଼ ଲକ୍ ଖୋଲିବା ପାଇଁ ଏକ ପାସୱାର୍ଡ଼ ଦେବ। ଏହା ବ୍ୟତୀତ ସିଲ କଭରରେ ମଧ୍ୟ ଏକ ଚିପ ଦିଆଯାଇଛି, ଯାହା ମାଧ୍ୟମରେ ଡିଜି ଲକର ଖୋଲାଯାଇ ପାରିବ । ରାଜ୍ୟର ସମସ୍ତ ଜିଲ୍ଲା ଓ ଉପଖଣ୍ଡର ମୁଖ୍ୟାଳୟରେ ପରୀକ୍ଷା ପରିଚାଳନା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ବୋର୍ଡ଼ ସଭାପତି ସୂଚନା ଦେଇଛନ୍ତି ।

## ରବି ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ

# ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀଙ୍କ ଗୁହାରି

କୋଣାର୍କ,୧୧।୭(ନିପ୍ର): କୋଣାର୍କ ନିକଟସ୍ଥ ବଉଲାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କରମଙ୍ଗା - ପଞ୍ଚଣା ସେବା ସମବାୟ ସମିତିରେ ୨୦୨୫-୨୬ ରବି ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଶତାଧିକ କୃଷକ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖବରରୁ ପ୍ରକାଶ ଯେ, ଚଳିତବର୍ଷ ରବି ଋତୁରେ କରମଙ୍ଗା-ପଞ୍ଚଣା ସେବା ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ଧାନ ମଣ୍ଡିରେ ଟୋକନ ଧାରୀ କୃଷକମାନଙ୍କ ଠାରୁ ଧାନ କ୍ରୟ କରାନଯାଇ ସେମାନଙ୍କ ନାମରେ ଯୋଗାଣ ବିଭାଗ ପକ୍ଷରୁ ଆସିଥିବା ନିର୍ଦ୍ଧାରିତ ପରିମାଣର ଧାନ ବେଆଇନ ଭାବେ ଅନ୍ୟ କୃଷକମାନଙ୍କ ଖାତାରେ ଦିଆଯାଇ ଲକ୍ଷାଧିକ ଟଙ୍କାର ସରକାରୀ ରିହାତି ବାଟମାରଣା ହୋଇଥିବା କୃଷକମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଦୋକାନ ଉପରେ ସମିତି ଦାୟିତ୍ୱରେ ଥିବା ସଂପାଦିକା ଆଦୌ କାର୍ଯ୍ୟାଳୟ ଆସୁ ନ ଥିବା ବେଳେ ସଂପାଦିକାଙ୍କ ଇଙ୍ଗିତରେ ସମିତିର ଜାଲିଆତି ପ୍ରମାଣ ପତ୍ର ଦେଇ ଚାକିରି ହାତେଇ ଥିବା ପିଅନ ନିଜ ମର୍ଜିରେ ଧାନ ମଣ୍ଡି ଚଳାଇବା ଯୋଗୁଁ ଟୋକନଧାରୀ କୃଷକମାନେ ସେମାନଙ୍କ ଧାନ ବିକ୍ରି କରି ନ ପାରି ଲକ୍ଷାଧିକ ଟଙ୍କାର ସରକାରୀ ରିହାତି ହରେଇଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ସମିତିରେ କୃଷକମାନଙ୍କ ଟୋକନ ଡେଭିଏସନ କରାଯାଇ ବେଆଇନ ଭାବେ ଧାନ କ୍ରୟ କରାଯାଇଥିବା ଦେଖିବାକୁ ମିଳିଛି। ଏହି ସମିତିର ଟୋକନ ପାଇଥିବା କୃଷକ ଦିଲ୍ଲୀପ ବେହୁରାଙ୍କ ଟୋକନ ନଂ-୩୩୭୧୦୫୩ ସମେତ ୫୦ରୁ ଉର୍ଦ୍ଧ୍ୱ କୃଷକମାନେ ସମିତିରୁ ଟୋକନ ପାଇ ମିଲରଙ୍କୁ ଧାନ ଦେଇଥିଲେ ମଧ୍ୟ ସମିତିର ସଭାପତି, ସଂପାଦକ ଓ ପିଅନଙ୍କ ମନୋମୁଖୀ ନୀତି ଯୋଗୁଁ ସେମାନଙ୍କର ଆଇ ସ୍କାନ କରା ନ ଯିବାରେ ସରକାରୀ ରିହାତି ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଶତାଧିକ ଚାଷୀ ମୁଖ୍ୟମନ୍ତ୍ରୀ, ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ସମବାୟ ସମିତି ନିବନ୍ଧକ ପ୍ରମୁଖଙ୍କ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହ ଦୁର୍ନୀତିରେ ସଂପୃକ୍ତ ସଂପାଦକ ଓ ପିଅନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମିତି ସଂପାଦକ ଓ ପିଅନ ବିରୋଧରେ ଆଇନଗତ ଗ୍ରହଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କୃଷକମାନେ ଚେତାବନୀ ଦେଇଛନ୍ତି ।

# ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନୂତନ ବ୍ରଡ୍ ଗେଜ୍ ରେଳ ଲାଇନ ପାଇଁ ଜମି ଅଧିଗ୍ରହଣରେ ଅଗ୍ରଗତି

ଭୁବନେଶ୍ୱର,୧୧।୭: ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବରଗଡ଼ ରୋଡ୍ ଏବଂ ନୱାପଡ଼ା ରୋଡ୍ ମଧ୍ୟରେ ୧୩୮.୩୨ କିଲୋମିଟର ଦାର୍ଘ୍ୟ ବିଶିଷ୍ଟ ନୂତନ ବ୍ରଡ୍ ଗେଜ୍ (ବିଜି) ରେଳ ଲାଇନ କାର୍ଯ୍ୟକାରୀ କରିବାରେ ଭାରତୀୟ ରେଳବାଇ ଦୃଢ ଅଗ୍ରଗତି କରୁଛି। ଏହି ପ୍ରକଳ୍ପ କେବଳ ଗତିଶୀଳତା ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଏହି ଅଞ୍ଚଳକୁ ଯଥେଷ୍ଟ ସାମଗ୍ରିକ ଏବଂ ଆର୍ଥିକ ଲାଭ ପ୍ରଦାନ କରିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ଏହି ପ୍ରକଳ୍ପର ଏକ ପ୍ରମୁଖ ଅଂଶ, ଯାହା ଦକ୍ଷତାର ସହିତ ଆଗକୁ ବଢୁଛି। ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ବେସରକାରି ଜମି ୧୮୫୯.୪୮୮ ଏକର, ୮୫ଟି ଗ୍ରାମରେ ବିସ୍ତୃତ ରହିଛି। ଏଥିମଧ୍ୟରୁ ୭୭ଟି ଗ୍ରାମ ପାଇଁ ଜମି ତାଲିକା ଦାଖଲ କରାଯାଇଛି ଏବଂ ୪୬ଟି ଗାଁକୁ ଆବର୍ତ୍ତିତ କରି ୧୧୦୬.୪୧୧ ଏକର ଜମି ପାଇଁ ୨୦(ଏ) ଗେଜେଟ୍ ଅଧିସୂଚନା ପ୍ରକାଶିତ ହୋଇଛି। ବରଗଡ଼ ରୋଡ୍ - ନୱାପଡ଼ା ରୋଡ୍ ବିଜି ରେଳ ଲାଇନକୁ ୧୦ ସେପ୍ଟେମ୍ବର ୨୦୨୪ରେ ରେଳ ବୋର୍ଡ ଦ୍ୱାରା ମଞ୍ଜୁର କରାଯାଇଥିଲା, ଯାହାର ପ୍ରକଳ୍ପ ମୂଲ୍ୟ ୨୬୨୧.୯୨ କୋଟି ଥିଲା।

# ଅଙ୍ଗନବାଡ଼ି କେନ୍ଦ୍ରରେ ଭୋଜନର ମାନ ଯାଞ୍ଚ କଲେ କାଉନସିଲର୍



ବେଲଗୁଣ୍ଠା,୧୧।୭(ନିପ୍ର): ରାଜ୍ୟରେ ଅଙ୍ଗନୱାଡି ଶିଶୁଙ୍କର ବୌଦ୍ଧିକ ଏବଂ ମାନସିକ ବିକାଶ ପାଇଁ ସରକାରଙ୍କ ତରଫରୁ ପୋଷଣଯୁକ୍ତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ଏହି ପ୍ରରିପ୍ରେକ୍ଷୀରେ ଶୁକ୍ରବାର ବେଲଗୁଣ୍ଠା ଏକ ନମ୍ବର୍ ୱାର୍ଡ଼ରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ କାଉନସିଲର୍ ଭାସ୍କର ପାତ୍ର ଖାଦ୍ୟର ମାନ ପରଖିବା ପାଇଁ ପିଲାଙ୍କ ସହ ବସି ଭୋଜନ କରିଛନ୍ତି । ଶ୍ରୀ ପାତ୍ର ଅଚାନକ୍ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ଶିଶୁମାନଙ୍କ ସହିତ ଗପସପ କରିବା ସହିତ ସେମାନଙ୍କ ସହିତ ବସି ଭାତ ଏବଂ ଅଣ୍ଡା ତରକାରୀ ଖାଇଥିଲେ। ଏହାସହ ଶିଶୁମାନଙ୍କ ସହିତ ପ୍ରତିଦିନର ଖାଦ୍ୟର ସ୍ୱାଦ ବିଷୟରେ ଆଲୋଚନା କରିଥିଲେ। ଖାଦ୍ୟର ମାନ ଠିକଠାକ ଥିବା ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ଏହା ସହିତ ଅଙ୍ଗନୱାଡ଼ି କେନ୍ଦ୍ରର ସୁବିଧା ଅସୁବିଧା ସମ୍ପର୍କରେ ସେ ଅଙ୍ଗନୱାଡ଼ି କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ନିଜସ୍ୱ ଘର ଖଣ୍ଡେ ନଥିବା ନେଇ ସେ ଦୁଃଖ ପ୍ରକାଶ କରିଥିଲେ।

# ପାଣି ଘେରରେ କୁଚିଣ୍ଡା ଆରଡବ୍ଲ୍ୟୁଏସଏସ ଅଫିସ



କୁଚିଣ୍ଡା,୧୧।୭(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ସଦରମହକୁମାରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ (ଆରଡବ୍ଲ୍ୟୁଏସଏସ) ଅଫିସ ଦୀର୍ଘ ୫ଦିନ ହେବ ପାଣି ଘେରରେ ଅଛି। ଏହି ରାସ୍ତା ସମ୍ମୁଖରେ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ,କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଙ୍ଗକୁ ଏଲଆଇସି ଅଫିସ ରହିଛି। ହେଲେ ଅଫିସକୁ ଯିବା ଆସିବା ରାସ୍ତାରେ ଆଣ୍ଠୁଏ ବର୍ଷାପାଣି ଜମି ରହିଛି। ବିଭିନ୍ନ କାମରେ ଅଫିସକୁ ଆସୁଥିବା ଜନସାଧାରଣ ଏପରିକି ଅଫିସ୍ କର୍ମଚାରୀଙ୍କ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ଅଫିସର ସମ୍ମୁଖରେ ପାଣି ଜମି ରହିଥିବାରୁ ପୋଖରୀର ଭ୍ରମ ସୃଷ୍ଟି ହେଉଛି। ସୂଚନାଯୋଗ୍ୟ ଯେ,ଗତ ୬ ଓ ୭ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ଏଭଳି ପାଣି ଜମି ରହିଛି। ଅଫିସ କର୍ମଚାରୀମାନେ ଚାରିଚକିଆ ଗାଡିରେ ଅଫିସକୁ ଯିବା ଆସିବା କରୁଛନ୍ତି। ଏ ନେଇ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା ଆରଡବ୍ଲ୍ୟୁଏସଏସ ପରିସରରକୁ ଯାଇ ସ୍ଥିତି ଯାଞ୍ଚ କରିଛନ୍ତି।

# ଭଦ୍ରକରୁ ସିତାଂଶୁଙ୍କ ମନ୍ତ୍ରୀ ହେବା ନେଇ ଚର୍ଚ୍ଚା

ଭଦ୍ରକ,୧୧।୭(ନିପ୍ର): ଖୁବଶୀଘ୍ର ବଦଳିବ ରାଜ୍ୟ ମନ୍ତ୍ରିମଣ୍ଡଳର ରୂପରେଖ । ବିଭାଗ ଅଦଳବଦଳ ସହ ପୂରଣ ହେବ ଖାଲିଥିବା ମନ୍ତ୍ରୀ ପଦ। ତେବେ ଏ ନେଇ ରାଜନୈତିକ ମହଲରେ ଆରମ୍ଭ ହୋଇଛି ଅଙ୍କକଷା, କିଏ ହେବ ନୂଆ ଚେହେରା। ତେବେ ଏହି ଚର୍ଚ୍ଚା ଭିତରେ ସରଗରମ ହୋଇଛି ଭଦ୍ରକ ରାଜନୈତିକ ମାହୋଲ। ଅର୍ଥାତ ଭଦ୍ରକ ଜିଲ୍ଲାକୁ ମିଳିପାରେ ଆଉ ଏକ ମନ୍ତ୍ରୀ ପଦ। ସିଧାସଳଖ ଯଦି କହିବା ନୂଆ ମନ୍ତ୍ରିମଣ୍ଡଳର ନୂଆ ଚେହେରା ହୋଇପାରନ୍ତି ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର। ନିର୍ମଳ ଭାବମୂର୍ତ୍ତି, ଉତ୍ତମ କାର୍ଯ୍ୟଶୈଳୀ ସହ ସମ୍ବେଦନଶୀଳ ଭଦ୍ରକ ଜିଲ୍ଲାରେ ଦଳକୁ ବିରାଟ ବିଜୟ ଓ ରାଜନୈତିକ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ମନ୍ତ୍ରୀପଦ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି।

# କୃଷ୍ଣସାର ମୃତ୍ୟୁ ଘଟଣାରେ ଫରେଷ୍ଟର୍ ନିଲମ୍ବିତ

ବୁଗୁଡ଼ା,୧୧।୭(ନିପ୍ର): ବୁଗୁଡ଼ା ବନାଞ୍ଚଳ ପଞ୍ଚଭୂତି ଫରେଷ୍ଟ ବିଟ୍‌ରେ ବିଦ୍ୟୁତ ଫାସରେ ପଡି ଏକ କୃଷ୍ଣସାର ମୃଗର ମୃତ୍ୟୁ ଘଟଣାରେ ଏହି ଫରେଷ୍ଟ ବିଟର ମହିଳା ଫରେଷ୍ଟର ପଲ୍ଲବୀ ନନ୍ଦଙ୍କୁ ନିଲମ୍ବନ କରାଯାଇଛି। ବିଭଗୀୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେବାରେ ଅହେତୁକ ବିଳମ୍ବ ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଥିବା ଘୁମୁସର ଦକ୍ଷିଣ ବନଖଣ୍ଡ ଏସିଏଫ ପ୍ରଦୀପ ବେହେରା ସୂଚନା ଦେଇଛନ୍ତି। ଗତ ୭ତାରିଖରେ ପଞ୍ଚଭୂତି ଫରେଷ୍ଟ ବିଟ୍ ଅନ୍ତର୍ଗତ ଯାତ୍ରା କୁମୁଟି ନିକଟ ଦିହୁଡି ବଞ୍ଜର କାଜୁ ଜଙ୍ଗଲରେ ବିଦ୍ୟୁତ ଫାସରେ ପଡି ଏକ କୃଷ୍ଣସାର ମୃଗର ମୃତ୍ୟୁ ଘଟିଥିଲା । ଫରେଷ୍ଟର ପଲ୍ଲବୀ ନନ୍ଦ ୭ ତାରିଖ ରାତିରେ ହିଁ ଖବର ପାଇଥିଲେ ଏବଂ ୮ ତାରିଖ ସକାଳେ ମୃତଦେହ ଉଦ୍ଧାର କରି ପଞ୍ଚଭୂତି କାର୍ଯ୍ୟାଳୟକୁ ଆଣିଥିଲେ । କିନ୍ତୁ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ନଜଣାଇ କାର୍ଯ୍ୟାଳୟ ପରିସରରେ ପୋତି ଦେଇଥିଲେ । ଘଟଣା ଦିନ ହୁକିଂ ତାର ହଟାଇବାକୁ ଯାଇଥିବା ବିଦ୍ୟୁତ କର୍ମଚାରୀ ମୃତ କୃଷ୍ଣସାର ମୃଗର ଉଠାଇ ଥିବା ଫୋଟ ଭାଇରାଲ ହେଲା ପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର ହୋଇଥିଲା ଓ ତନାଘନା ପରେ ସମ୍ପୃକ୍ତ ଫରେଷ୍ଟର ଭୁଲ ସ୍ୱୀକାର କରିଥିଲେ । ଦାୟିତ୍ୱରେ ଅବହେଳା ଅଭିଯୋଗରେ ଫରେଷ୍ଟରଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି ।

## କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ସଚିବଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ଏବଂ ପିଏମ ସୂର୍ଯ୍ୟଘର ଯୋଜନାର ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର,୧୧।୭(ପିଆଇବି): କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ ଷଡ଼ଙ୍ଗୀ ଶୁକ୍ରବାର ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଛନ୍ତି। ଏହି ବୈଠକରେ ଭାରତ ସରକାରଙ୍କର ଦୁଇଟି ପ୍ରମୁଖ ଯୋଜନା - ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ଏବଂ 'ପିଏମ ସୂର୍ଯ୍ୟଘର: ମୁଫତ ବିଜଳି' ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ଭାରତର ସବୁଜ ହାଇଡ୍ରୋଜେନ କ୍ଷେତ୍ରରେ ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ଓଡ଼ିଶା ଦୃଢ଼ ସ୍ଥିତିରେ ଅଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଜୋର ଦେଇ କହିଥିଲେ। ଜଳ ଉପଲବ୍ଧତା, ବୃହତ ପରିମାଣର ଅକ୍ଷୟ ଶକ୍ତିର ସମନ୍ୱୟ ଏବଂ ସକ୍ଷମ ଭିତ୍ତିଭୂମି ବିକାଶ ଭଳି ପ୍ରମୁଖ ଆହ୍ୱାନଗୁଡ଼ିକୁ ସେ ସ୍ୱୀକାର କରିଥିଲେ। ମୁଖ୍ୟ ସଚିବ




କହିଥିଲେ, ରାଜ୍ୟର ରଣନୀତିକ ଉପକୂଳବର୍ତ୍ତୀ ସ୍ଥିତି, ଦୃଢ଼ ଶିଳ୍ପ ଇକୋସିଷ୍ଟମ ଏବଂ ସକ୍ରିୟ ନୀତିଗତ ଢାଞ୍ଚା ଓଡ଼ିଶାକୁ ସବୁଜ ହାଇଡ୍ରୋଜେନର ବିଶ୍ୱ ରପ୍ତାନିକାରୀ ହେବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ସଚିବ କହିଥିଲେ, ଭାରତର ସବୁଜ ହାଇଡ୍ରୋଜେନ କ୍ଷେତ୍ରକୁ ବ୍ୟାପକ ଭାବେ ବୃଦ୍ଧି କରିବା ଲାଗି ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଦୃଢ଼ ସ୍ଥିତିରେ ରହିଛି। ରାଜ୍ୟରେ ସବୁଜ ଆମୋନିଆ/ସବୁଜ ମିଥାନଲ ଭଳି ସବୁଜ ହାଇଡ୍ରୋଜେନ ଉପାଦାନର ଉତ୍ପାଦନ ପାଇଁ ଘରୋଇ ନିବେଶକଙ୍କ ମଧ୍ୟରେ ଯଥେଷ୍ଟ ଆଗ୍ରହ ସୃଷ୍ଟି ହୋଇଛି। ବିଶେଷକରି ପାରାଦୀପ ଏବଂ ଗୋପାଳପୁର ଭଳି ପ୍ରମୁଖ ବନ୍ଦର ନିକଟରେ ଏଥିପାଇଁ ଅପାର ସମ୍ଭାବନା ରହିଛି। ଏହି ପ୍ରୟାସଗୁଡ଼ିକ ଦ୍ରୁତ ଗତିରେ ବଢୁଥିବା ଭାରତର ସବୁଜ ହାଇଡ୍ରୋଜେନ୍ ଇକୋସିଷ୍ଟମ ଲାଗି ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପଥ ପ୍ରଶସ୍ତ କରିବ। ଓଡ଼ିଶା ସରକାର ଧାର୍ଯ୍ୟ ସମୟସୀମା ମଧ୍ୟରେ ସବୁଜ ହାଇଡ୍ରୋଜେନ୍ ଉପାଦାନର ଉତ୍ପାଦନ ଓ ରପ୍ତାନି ପାଇଁ ଏକ ସହଯୋଗୀ ଇକୋସିଷ୍ଟମ ଏବଂ ପସନ୍ଦଯୋଗ୍ୟ ନିବେଶ ଗନ୍ତବ୍ୟସ୍ଥଳ ବିକାଶ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

"e" Tender Notice
PANCHAYAT SAMITI, BALIPATNA
E-mail- ori-balipatna@nic.in
i-358

No- ୨୨୧୭ Date: ୦୧/୦୭/୨୦୨୫

DETAIL TENDER CALL NOTICE NO. 01/BPS/2025-26

1. Number of Civil works : 06 (Six)
2. Estimated Cost : Rs 14,21,016/- to 21,99,347/-
3. Period of completion : 06(Six) Calendar Months
4. Availability of Tender online for biding: 11.07.2025 at 11.00 AM to 25.07.2025 up to 5.00 P.M.
5. Last Date /Time of seeking Tender Clarification: 25.07.2025 up to 5.00 P.M.
6. Date & time of opening of Tender: 28.07.2025 at 11.00 A.M.
7. Further the details can be seen from the site(http://www.tenderodisha.gov.in)

Block Development Officer
Balipatna

OIPR -1903/11/0004/2526

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ